ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.87 Bhubaneswar Saturday 14 2022 | ୨୫ତମ ବର୍ଷ ସଂଖ୍ୟା–୮୭ ଭୁବନେଶ୍ୱର, ଶୁକ୍ରବାର, ମଇ ୧୩, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS



ନୂଆଦିଲ୍ଲୀର ମୁଣ୍ଡକା ଅଞ୍ଚଳର ଏକ ବହୁତଳ ବିଶିଷ୍ଟ କୋଠାରେ ନିଆଁ ଲାଗି ୨୫ରୁ ଉର୍ଦ୍ଧ୍ୱ ମୃତାହତ ଓ ଅନେକ ଲୋକ ଆହତ ହୋଇଥିବାବେଳେ ଅଗ୍ନିସେବା କର୍ମଚାରୀଙ୍କ ଦ୍ୱାରା ଉଦ୍ଧାର କାର୍ଯ୍ୟ ଜାରି

## ରାଜ୍ୟସଭା ଟିକେଟ୍ ପ୍ରତିଶ୍ରୁତି: ତାଲିକା ଲମ୍ୱା, ସରପ୍ରାଇଜ୍ କରିବେ ନବୀନ



ଭୁବନେଶ୍ୱର, ୧୩।୫(ପି.ଏନ): ଦୁଇଟି ପର୍ଯ୍ୟାୟରେ ୪ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ନିମନ୍ତେ ତାରିଖ ଘୋଷଣା ସହ ଶାସକ ବିଜେଡିରେ ରାଜନୀତିକ ଉଷ୍ମତା ବୃଦ୍ଧି ପାଇଛି । ବିଜେଡିରେ ଆଶାୟୀଙ୍କ ସଂଖ୍ୟା ଅଧିକ ଥିବାବେଳେ ୨୦୧୯ ସାଧାରଣ ନିର୍ବାଚନବେଳେ ଟିକେଟରୁ ବଂଚିତ ହୋଇଥିବା କିଛି ନେତାଙ୍କୁ ରାଜ୍ୟସଭାରେ ଥଇଥାନ କରିବା ପାଇଁ ବିଜେଡି ସୁପ୍ରିମୋ ଓ ତାଙ୍କ ପରାମର୍ଶଦାତା ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରିବେ, ନା ପୂର୍ବଭଳି ପୁଣି ଅଣଦେଖା କରିବେ ତାକୁ ନେଇ ସଂଶୟ ଲାଗି ରହିଛି । ଅବଶ୍ୟ ଯେଉଁ ନେତାମାନଙ୍କୁ ରାଜ୍ୟସଭା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା ସେମାନଙ୍କମ ମଧ୍ୟରୁ ଏବେ ଅଧିକାଂଶ ବିଜେଡିରୁ ହଜିଗଲେଣି । ଆଉ କିଛି ଥିଲେ ମଧ୍ୟ ସଂଗଠନ ସହ ଜଡିତ ନାହାନ୍ତି । ତେଣୁ ସେମାନଙ୍କର ଦାବିଦାରୀ ଯେ କେବଳ ନିଷ୍ଫଳ, ତାହା ଏବେଠୁ ଜଳଜଳ ହୋଇ ଦିଶିଲାଣି । ଅନ୍ୟପକ୍ଷରେ ରାଜ୍ୟସଭା ପାଇଁ ପ୍ରାର୍ଥୀ ଚୟନବେଳେ ଜାତୀୟ ରାଜନୀତିକୁ ସନ୍ଦେଶ ଦେବା ଭଳି ନିଷ୍ପତ୍ତି ବିଜେଡି ନେତୃତ୍ୱ ନେବେ ବୋଲି ଜଣାପଡିଛି ।ସୂଚ଼ନା ଅନୁସାରେ, ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ନେତୃତ୍ୱ ଯେଉଁ କିଛି ବରିଷ୍ଠ ନେତାଙ୍କୁ ରାଜ୍ୟସଭା ଟିକେଟର ପ୍ରତିଶ୍ରୁତି ଦେଇଥିଲା ସେମାନଙ୍କ ମଧ୍ୟରେ ପ୍ରସନ୍ନ ପାଟଶାଣୀ, ରମେଶ ଚ୍ୟାଉପଟ୍ଟନାୟକ, ଯୋଗେନ୍ଦ୍ର ବେହେରା ଓ ବଳଭଦ୍ର ମାଝୀ ରହିଛନ୍ତି । ଏହି ୪ ନେତା ଏବେବି ବିଜେଡିରେ ଥିଲେ ମଧ୍ୟ ସଂଗଠନଠୁ ଢେର ଦୂରରେ ଅଛନ୍ତି । ଦଳ ଓ ସଂଗଠନ ପାଇଁ ଏମାନଙ୍କର ଭୂମିକା ଏବେ ନଗଣ୍ୟ ଥିବାବେଳେ ଏମାନଙ୍କର ଦାବିଦାରୀକୁ ବିଜେଡି ସେତେଟା ଗୁରୁତ୍ୱ ଦେବାର ସମ୍ଭାବନା କ୍ଷୀଣ ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ସୂଚ଼ନା ମିଳିଛି । ଯେଉଁମାନଙ୍କୁ ଦଳ ଦୀର୍ଘବର୍ଷ ଧରି ସଂଗଠନ ଓ ନିର୍ବାଚ଼ନୀ କାର୍ଯ୍ୟରେ ନିୟୋଜିତ କରାଇ ସଫଳତା ହାସଲ କରିଛି ସେମାନଙ୍କୁ ଅଗ୍ରାଧିକାର ଦେବାର ଯଥେଷ୍ଟ ସମ୍ଭାବନା ରହିଛି ।ବିଜେଡି ସୂତ୍ର ଅନୁସାରେ, ଜାତୀୟ ରାଜନୀତିରେ ସକ୍ରିୟ ହେବା ପାଇଁ ନବୀନ ପଟ୍ଟନାୟକଙ୍କ ଆଗ୍ରହ ନଥିଲେ ମଧ୍ୟ ନିଜର ନିଷ୍ପତ୍ତି ମାଧ୍ୟମରେ ଜାତୀୟ ରାଜନୀତିରେ ଚ଼ର୍ଚ୍ଚାରେ ରହିବାକୁ ସେ ସର୍ବଦା ପସନ୍ଦ କରିଥାନ୍ତି । ମହିଳାଙ୍କୁ ବିଧାନସଭା ଓ ସଂସଦରେ ୩୩% ସଂରକ୍ଷଣ ପ୍ରସଙ୍ଗ ଉଠାଇ ନବୀନ ଜାତୀୟ ରାଜନୀତିରେ ଚ଼ର୍ଚ୍ଚାରେ ଥିବାବେଳେ ଦଳ ଏଥର ୪ଟି ରାଜ୍ୟସଭା ଆସନରୁ ୨ଟିରେ ମହିଳାଙ୍କୁ ପ୍ରାର୍ଥୀ କରାଇବାର ଯଥେଷ୍ଟ ସମ୍ଭାବନା ରହିଛି । ଏଭଳି ମାଧ୍ୟମରେ ବିଜେଡି ନିଜକୁ 'ମହିଳାଙ୍କୁ ସଂସଦରେ ଅଧିକାର' ଦେବାରେ ବିଜେଡିର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଇବାକୁ ଚ଼ାହିଁବ । ରାଜ୍ୟସଭାରେ ଓଡିଶାର ମୋଟ ୧୦ଟି ଆସନ ମଧ୍ୟରୁ ୪ଟିରେ ନିର୍ବାଚ଼ନ ହେବାକୁ ଯାଉଥିବାବେଳେ ବାକି ୬ଟିରୁ କେବଳ ଗୋଟିଏ ବିଜେପି ପାଖରେ ଅଛି । ଅନ୍ୟ ୫ଟି ଆସନରେ ମାତ୍ର ଜଣେ ମହିଳା ଥିବାବେଳେ ବିଜେଡି ଆଉ ୨ଜଣ ମହିଳାଙ୍କୁ ରାଜ୍ୟସଭାକୁ ପଠାଇ ଉଭୟ ଲୋକସଭା ଓ ରାଜ୍ୟସଭାରେ ଦଳ ୩୦ ପ୍ରତିଶତରୁ ଅଧିକ ମହିଳାଙ୍କୁ ପ୍ରତିନିଧିତ୍ୱର ସୁଯୋଗ ଦେଇଛି ବୋଲି ଜାତୀୟସ୍ତରରେ ସନ୍ଦେଶ ଦେବ । ଯାହାକୁ ଦଳ ମଧ୍ୟ ଆଗାମୀ ୨୦୨୪ ନିର୍ବାଚ଼ନରେ ନିଜର ଟ୍ରମ୍ପକାର୍ଡ ଭାବେ ଉପଯୋଗ କରି ମହିଳା ଭୋଟରଙ୍କୁ ଆକୃଷ୍ଟ କରିବ ବୋଲି ଏବେଠୁ ରଣନୀତି ପ୍ରସ୍ତୁତ ହୋଇଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି । ରାଜ୍ୟସଭାର ନିର୍ବାଚ଼ନୀ ଗଣିତ ଯାହା ସମସ୍ତ ୪ଟି ଆସନ ବିଜେଡି ଦଖଲକୁ ଯିବ । ତେଣୁ ରାଜ୍ୟସଭା ପାଇଁ ୨ଟି ଆସନ ମହିଳାଙ୍କୁ ଦେଇ ବାକି ୨ଟି ଆସନରେ ପୁରୁଷଙ୍କୁ ପ୍ରାର୍ଥୀ କରିବାର ସମ୍ଭାବନା ରହିଛି । ବିଜେଡି ପାଇଁ ଏବେ କୌଣସି ସମୀକରଣର ବାଧ୍ୟବାଧକତା ନଥିବାରୁ ବିଜେଡି ନେତୃତ୍ୱ ଯାହାକୁ ଚ଼ାହିଁବ ତାଙ୍କ ମୁଣ୍ଡରେ ସୁନା କଳସୀ ?ାଳିବ । ଏଥିରେ ଦଳ ଭିତରେ ଅସନ୍ତୋଷ ପ୍ରକଟ ହେବାର ସମ୍ଭାବନା କ୍ଷୀଣ । ଯଦି ବିଜେଡି ସୂତ୍ର ବିଶ୍ୱାସ କରାଯାଏ, ତେବେ ବିଜେଡି ସୁପ୍ରିମୋ ଓ ପରାମର୍ଶଦାତା ଏପର୍ଯ୍ୟନ୍ତ ରାଜ୍ୟସଭା ନିର୍ବାଚ଼ନ ପ୍ରସଙ୍ଗରେ କୌଣସି ବିଚ଼ାରବିମର୍ଶ କରିନାହାନ୍ତି । ଯେହେତୁ ନିର୍ବାଚ଼ନ ବିଜେଡି ପ୍ରାର୍ଥୀଙ୍କୁ ସୁହାଇବା ଭଳି ହେଉଛି ତେଣୁ ନିର୍ବାଚ଼ନୀ ମାନଦଣ୍ଡ ହେଉଛି ବିଜେଡି ଯାହାଙ୍କୁ ବି ପ୍ରାର୍ଥୀ କରିବ ସିଏ ଜିତିବେ । ତେଣୁ ଏଭଳି ଭଲ ସ୍ଥିତିରେ ବିଜେଡି ଥିବାରୁ ରାଜ୍ୟସଭା ପ୍ରାର୍ଥୀ ଚ଼ୟନକୁ ନେଇ ଏତେ ବ୍ୟସ୍ତ ହେଉନି । ଏବେ ରାଜ୍ୟସଭା ନିର୍ବାଚ଼ନ ପ୍ରାର୍ଥୀ ନିମନ୍ତେ ଯେଉଁମାନଙ୍କ ନାଁକୁ ନେଇ ଚ଼ର୍ଚ୍ଚା ଚ଼ାଲିଛି ସେସବୁ କେବଳ ଗଣମାଧ୍ୟମକୁ ସୁହାଇବା ଭଳି ପ୍ରସ୍ତୁତ ହୋଇଥିବା ମନମୁଖୀ ତାଲିକା ଆଧାରରେ ହୋଇଛି ବୋଲି ଏହି ସୂତ୍ର ସ୍ପଷ୍ଟ କରିଛି ।

## ଧ୍ରୁବୀକରଣ ଓ ସଂଖ୍ୟାଲଘୁଙ୍କୁ ଟାର୍ଗେଟ ମୋଦି ସରକାରଙ୍କ ଉଦ୍ଦେଶ୍ୟ: ସୋନିଆ ଗାନ୍ଧି



ଉଦୟପୁର, ୧୩।୫(ପି.ଏନ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ବର୍ଷିଲେ ସୋନିଆ ଗାନ୍ଧି । ରାଜସ୍ଥାନର ଉଦୟପୁରଠାରେ ଚ଼ାଲିଥିବା କଂଗ୍ରେସର ଚ଼ିନ୍ତନ ଶିବିରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଛନ୍ତି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧି । ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ମିନିମମ୍ ? ଗଭର୍ଣ୍ଣମେଣ୍ଟ ଏବଂ ମ୍ୟାକ୍ସିମମ୍ ? ଗଭର୍ଣ୍ଣନେସ୍ ? ନାରା ଲୋକଙ୍କୁ ପ୍ରତାରଣା କରିଛି । ଏହି ନାରା ମାଧ୍ୟମରେ ସରକାର ଲୋକଙ୍କ ମଧ୍ୟରେ ଧ୍ରୁବୀକରଣ କରିଛନ୍ତି । ସଂଖ୍ୟା ଲଘୁଙ୍କ ପ୍ରତି ବର୍ବର ଆକ୍ରମଣ କରାଯାଉଥିବା ବେଳେ ବିରୋଧୀଙ୍କ ସ୍ୱର ଦବେଇ ଦିଆଯାଉଛି । ସେ କହିଛନ୍ତି ଦେଶରେ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ଚ଼ାଲିଥିବାବେଳେ ବାକପଟୁ ପ୍ରଧାନମନ୍ତ୍ରୀ ନିରବ ରହୁଛନ୍ତି । ଏହି ସମ୍ମିଳନୀରେ ଉଦବୋଧନ ଦେଇ ସେ କହିଛନ୍ତି ଯେ ମୋଦି ସରକାରଙ୍କ ନୀତିର ଉଦ୍ଦେଶ୍ୟ ହେଉଛି ଦେଶରେ ସାଂପ୍ରଦାୟିକ ଧ୍ରୁବୀକରଣ କରିବା, ସଂଖ୍ୟାଲଘୁ ଓ ରାଜନୈତିକ ବିରୋଧୀମାନଙ୍କୁ ଟାର୍ଗେଟ୍ କରିବା ।କିନ୍ତୁ ଏ କ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପର ସର୍ବାଧିକ ଆବଶ୍ୟକତା ଥିବାବେଳେ, ଆମ ବାକପଟୁ ପ୍ରଧାନମନ୍ତ୍ରୀ ନିରବ ରହୁଛନ୍ତି । ସୋନିଆ ଗାନ୍ଧି କହିଛନ୍ତି, ମୋଦି ସରକାରଙ୍କ ଅମଳରେ ଦେଶର ଅର୍ଥବ୍ୟବସ୍ଥା ଭୁଶୁଡି ପଡିଛି । ନୋଟବନ୍ଦୀ ପରେ ଦେଶର ଅର୍ଥବ୍ୟବସ୍ଥା ନିମ୍ନଗାମୀ ହେବାରେ ଲାଗିଛି । ଲୋକେ ନିଜକୁ ବୁଝେଇ ଦେଇଛନ୍ତି ଯେ, ଏବେ ଆମକୁ ଆଉ ଚ଼ାକିରି ମିଳିବ ନାହିଁ । ଘରୋଇକରଣର ନୀତି ଉପରେ ପ୍ରଶ୍ନ ଉଠାଇ ସୋନିଆ ଗାନ୍ଧି କହିଛନ୍ତି, ଗୋଟିଏ ପଟେ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉନଥିବା ବେଳେ ଅନ୍ୟପଟେ ଜନତାଙ୍କ କଲ୍ୟାଣ ଏବଂ ଉନ୍ନତି ପାଇଁ କାମ କରିବା ବଦଳରେ ସରକାର ଧନୀ ଶ୍ରେଣୀର ଲୋକଙ୍କ ପାଇଁ ଅହେତୁକ ଅନୁକମ୍ପା ଦେଖାଉଛନ୍ତି ।ମୋଦି ସରକାରଙ୍କୁ ଟାର୍ଗେଟ୍ କରି ସେ ଆହୁରି କହିଛନ୍ତି ଯେ, ଯେଉଁ ହିଂସା ଘୃଣାର ନିଆଁ ଲାଗିଛି ତାହା ବର୍ତ୍ତମାନ ଲୋକମାନଙ୍କ ମଧ୍ୟରେ ବଡ଼ ଆକାର ନେଲାଣି । ଯେଉଁ ସାମାଜିକ ସମସ୍ୟା ସୃଷ୍ଟି ହୋଇଛି ତାହା କଳ୍ପନାରୁ ବି ଅଧିକ ଭୟଙ୍କର । କଂଗ୍ରେସ ଏହି ବିଭେଦ ଭାଇରସ ସହିତ ଯୁଦ୍ଧ କରିବ । ଏହି ନବ ଚ଼ିନ୍ତନ ଶିବିର ଆମକୁ ଏକ ସୁଯୋଗ ଦେଇଛି ଏକାଧିକ ଚ଼୍ୟାଲେଞ୍ଜ ସହିତ ଲଢ଼ିବାକୁ । ଯାହା ବିଜେପି, ଆରଏସଏସ ଓ ସହଯୋଗୀମାନେ ସୃଷ୍ଟି କରିଛନ୍ତି ବୋଲି ସୋନିଆ ଗାନ୍ଧି କହିଛନ୍ତି ।

## ଶିଳ୍ପୀଗୁରୁ ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ




ଭୁବନେଶ୍ୱର, ୧୩।୫(ପି.ଏନ): ବିଶିଷ୍ଟ ସ୍ଥପତି ଶିଳ୍ପୀଗୁରୁ ପଦ୍ମବିଭୂଷଣ ତଥା ରାଷ୍ଟ୍ରପତିଙ୍କ ମନୋନୀତ ପ୍ରଥମ ଓଡ଼ିଆ ରାଜ୍ୟସଭା ସାଂସଦ ରଘୁନାଥ ମହାପାତ୍ରଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉତ୍ସବ ଓ ଶ୍ରଦ୍ଧାଞ୍ଜଳି ସଭା ଶିଳ୍ପୀଗୁରୁ ରଘୁନାଥ ସ୍ମୃତି ସାଂସଦ ଆନୁକୂଲ୍ୟରେ ଆଜି ଜୟଦେବ ଭବନ ଠାରେ ଅନୁଷ୍ଠିତ ହୋଇ ଯାଇଛି କ୍ଷ ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଷିଲାଲ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ସ୍ମୃତିଚ଼ାରଣ କରି କହିଲେ କି ରଘୁନାଥଙ୍କ ଅନ୍ୟନାମ ଶ୍ରୀରାମ କ୍ଷ ପ୍ରଭୁ ଶ୍ରୀରାମ ଯେଭଳି ପାଷାଣୀ ଅହଲ୍ୟା କୁ ଜୀବନ ପ୍ରଦାନ କରିଥିଲେ ସେଇଭଳି ତାଙ୍କର ଅବତାର ନେଇ ଆଜିର କଳି ଯୁଗରେ ପଦ୍ମ ବିଭୂଷଣ ରଘୁନାଥ ପ୍ରସ୍ତର ସବୁକୁ ଅହଲ୍ୟା ଭଳି ଜୀବନ୍ତ କଳାକୃତି ଗଢି ନିଜର ତଥା ଏ ଓଡ଼ିଆ ଜାତିର କଳା ଭାସ୍କର୍ଯ୍ୟ କୁ ସାରା ପୃଥିବୀରେ ପରିଚ଼ୟ ପ୍ରଦାନ କରିଥିଲେ ଓ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇ ବରିଷ୍ଠ ବିଧାୟକ ଶଶୀଭୂଷଣ ବେହେରା, ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ, ବିଧାୟକ ଅନନ୍ତ ନାରାୟଣ ଜେନା, ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ରମେଶ ଚ଼୍ୟାଉ ପଟ୍ଟନାୟକ,..ପଦ୍ମ ବିଭୂଷଣ ସୁଦର୍ଶନ ସାହୁ, ପ୍ରଫେସର ବିନାୟକ ରଥ ଓ ସ୍ମୃତି ସଂସଦ ଆବାହକ ବାସୁଦେବ ଭଟ୍ଟ ସ୍ୱାଗତ ଭାଷଣ ରେ ରଘୁନାଥ ମହାପାତ୍ରଙ୍କ ଜୀବନରେ କରିଯାଇଥିବା କଳା ସ୍ଥପତି କୁ ବର୍ଣ୍ଣନା କରିବା ସହିତ ପୁଅ ଭଳି ସମସ୍ତଙ୍କୁ ଭଲ ପାଇବା ସଂକ୍ରାନ୍ତରେ ବର୍ଣ୍ଣନା କରିଥିଲେ କ୍ଷ ତାଙ୍କ ଭଳି ଓଡିଶା ମାଟିର ଯୋଗ୍ୟ ସନ୍ତାନଙ୍କ ପ୍ରତିମୂର୍ତ୍ତି ଗବର୍ଣ୍ଣର ହାଉସ ଛକ କିମ୍ବା ମାଷ୍ଟର କ୍ୟାଣ୍ଟିନ ଛକ ନିକଟରେ ଅବସ୍ଥାପିତ କରିବା ଓ ତାଙ୍କ ଜନ୍ମଦିବସ ଏବଂ ଶ୍ରାଦ୍ଧଦିବସକୁ ସରକାରୀ ସ୍ତରରେ ପାଳନ କରିବାକୁ ମହାମହିମ ରାଜ୍ୟପାଳଙ୍କ ନିକଟରେ ଦୃଷ୍ଟି ଆକର୍ଷଣ କରିଥିଲେ କ୍ଷ ଶ୍ରଦ୍ଧାଞ୍ଜଳି ସଭାରେ ଶ୍ରଦ୍ଧା ସୁମନ ଅର୍ପଣ କରି ମନୋଜ ଜେନା, ପ୍ରସନ୍ନ ବିଷୋୟୀ, ଜଗବନ୍ଧୁ ଜେନା, ମାଳା ଜେନା, ସନ୍ତୋଷ ସେନାପତି ଗୁରୁପଦ ବଳିୟାରସିଂ, ଲଳିତ ମୋହନ ପଟ୍ଟନାୟକ, ଶରତ ଦାସ,ତାରାକାନ୍ତ ପରିଡ଼ା, ଦିଲୀପ ଓଝା, ପ୍ରସନ୍ନ ସାହୁ ଅଶୋକ ପଣ୍ଡା ଆଦି ସ୍ମୃତି ଚ଼ାରଣ କରିଥିଲେ କ୍ଷକାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂକୀର୍ତନ ମଣ୍ଡଳୀ ମାନଙ୍କ ଦ୍ୱାରା ସଂକୀର୍ତ୍ତନ କରାଯାଇଥିଲା କ୍ଷ ପରେ ଉତ୍କଳ ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ଗୋଟିପୁଅ,ଦେବସ୍ମିତା ସାହୁଙ୍କ ଓଡିଶୀ,ଲକ୍ଷ ଡାନ୍ସ ଏକାଡେମୀ ଗ୍ରୁପ ଦ୍ୱାରା ଓଡିଶୀ, କଲିକତାର କାବେରୀ ପୁଇତାଣ୍ଡିଙ୍କ ଦ୍ୱାରା ଗୌଡିଅ ନୃତ୍ୟ, ନୃତ୍ୟଶ୍ରଦ୍ଧା ଗ୍ରୁପର ଓଡିଶୀ ସର୍ବଶେଷରେ ବିଶିଷ୍ଟ କଣ୍ଠଶିଳ୍ପୀ ସଂଗୀତା ଗୋସାଇଁ, ଲିଟିଲ ରାଉତରାୟଙ୍କ ଦ୍ୱାରା .ଭଜନ ପରିବେଷଣ କରାଯାଇଥିଲା

## ଭିଜିଲାନ୍ସ ଜାଲରେ ଭିଜିଲାନ୍ସ ଅଧିକାରୀ, କେସ୍ ବନ୍ଦ କରିବାକୁ ନେଉଥିଲେ ୧୦ ଲକ୍ଷ ଲାଞ୍ଚ

ଭୁବନେଶ୍ୱର ,୧୩।୫(ପି.ଏନ): ରାଜ୍ୟରେ ପ୍ରାୟ ପ୍ରତ୍ୟେକ ଦିନ କେଉଁଠି ନା କେଉଁଠି ଭିଜିଲାନ୍ସ ଚ଼ଢ଼ଉ ହେଉଛି କହିଲେ ଭୁଲ୍ ହେବ ନାହିଁ । କେତେବେଳେ କେଉଁ ସରକାରୀ ଅଫିସର/କର୍ମଚ଼ାରୀ ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଚ଼ଢ଼ାଉ କରି ଧରୁଛି ତ ଆଉ କେବେ ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ କରୁଛି ଚ଼ଢ଼ାଉ । ପ୍ରାୟ ପ୍ରତିଦିନ ଏଭଳି ଖବର ଗଣମାଧ୍ୟମରେ ଆସୁଥିବା ବେଳେ ଲୋକଙ୍କ ମନରେ ଯେଉଁ କେତୋଟି ପ୍ରଶ୍ନ ଉଠେ, ସେଥିରୁ ଦୁଇଟି ହେଉଛି- ଯେଉଁମାନେ ଭିଜିଲାନ୍ସରେ ଅଛନ୍ତି ସେମାନଙ୍କ ଘରେ ରେଡ୍ ହୁଏ ନା ନାହିଁ ସେହିପରି ଭିଜିଲାନ୍ସ ଅଧିକାରୀମାନଙ୍କ ମଧ୍ୟରୁ କ'ଣ କେହି କେବେ ଲାଞ୍ଚ ନେଲା ବେଳେ ଧରାପଡିଛନ୍ତି । ଆଉ ଆଜି ହୋଇଥିବା ଏକ ଭିଜିଲାନ୍ସ ରେଡ୍‌ରୁ ଏମିତି ଏକ ଖବରଟିଏ ଆସିଛି । ଭିଜିଲାନ୍ସ ଜାଲରେ ଜଣେ ଭିଜିଲାନ୍ସ ବିଭାଗ ଅଧିକାରୀ ପଡିଛନ୍ତି ।୧୦ ଲକ୍ଷ ଟଙ୍କା ଲାଞ୍ଚ ନେବା ବେଳେ ଜଣେ ଭିଜିଲାନ୍ସ ଇନ୍ସପେକ୍ଟର ଧରାପଡିଛନ୍ତି । ତାଙ୍କ ନାଁ ମାନସୀ ଜେନା । ସେ ସମ୍ବଲପୁର ଭିଜିଲାନ୍ସ ଡିଭିଜନରେ ନିଯୁକ୍ତ ହୋଇଛନ୍ତି ।ଜଣେ ସରକାରୀ କର୍ମଚ଼ାରୀଙ୍କ ବିରୋଧରେ ଚ଼ାଲିଥିବା ଭିଜିଲାନ୍ସ ମାମଲାକୁ ବନ୍ଦ କରି ଦେବା ପାଇଁ ମାନସୀ ୧୦ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ । ବରଗଡର ମୁକେଶ ସାହୁ ନାମକ ଜଣେ ଯୁବକଙ୍କ ମାଧ୍ୟମରେ ସେ ଲାଞ୍ଚ ଅର୍ଥ ଗ୍ରହଣ କରୁଥିବା ବେଳେ ଓଡିଶା ଭିଜିଲାନ୍ସର ଇଣ୍ଟରନାଲ ଭିଜିଲାନ୍ସ ୟୁନିଟ୍ ହାତରେ ସେ ଧରାପଡିଥିଲେ । ଇନ୍ସପେକ୍ଟର ମାନସୀ ଜେନାଙ୍କ ଠାରୁ ଲାଞ୍ଚ ଅର୍ଥ ଜବତ କରିବା ପରେ ଇଣ୍ଟରନାଲ ଭିଜିଲାନ୍ସ ୟୁନିଟ୍ ତାଙ୍କର ଅଫିସ୍ ଓ ବାସଭବନ ଆଦି ସ୍ଥାନରେ ଚ଼ଢ଼ାଉ କରିଛି । ସେହିପରି ମୁକେଶ ସାହୁଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଚ଼ ?ାଉ କରାଯାଇଛି ।

## ବ୍ରଜରାଜନଗର ଉପନିର୍ବାଚ଼ନ: ମଇଦାନରେ ୮ ସ୍ୱାଧୀନଙ୍କ ସମେତ ୧୪ ପ୍ରାର୍ଥୀ







ଭୁବନେଶ୍ୱର, ୧୩।୫(ପି.ଏନ): ବ୍ରଜରାଜନଗର ଉପନିର୍ବାଚ଼ନ ପାଇଁ ୧୪ଜଣ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର କାଏମ ରହିଛି । ଆଜି ଝାରସୁଗୁଡା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଯାଂଚ଼ ପରେ କାଏମ ଥିବା ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ତାଲିକା ପ୍ରକାଶ ପାଇଛି । ଆସନ୍ତା ୧୭ ତାରିଖ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷଦିନ ଥିବାବେଳେ ମେ' ୩୧ତାରିଖରେ ଭୋଟ ଗ୍ରହଣ ହେବ ।ଝାରସୁଗୁଡା ଉପଜିଲ୍ଲାପାଳ ତଥା ନିର୍ବାଚ଼ନ ରିଟର୍ଣ୍ଣିଂ ଅଫିସରଙ୍କ କାର୍ଯ୍ୟାଳୟରୁ ଜାରି ସୂଚ଼ନା ଅନୁସାରେ ଯେଉଁ ୧୪ଜଣଙ୍କ ପ୍ରାର୍ଥିପତ୍ର କାଏମ ରହିଛି ସେମାନଙ୍କ ମଧ୍ୟରେ ବିଜେଡିର ଅଳକା ମହାନ୍ତି, ବିଜେପିର ରାଧାରାଣୀ ପଣ୍ଡା, କଂଗ୍ରେସର କିଶୋର ପଟେଲ, ସିପିଆଇର ରମେଶ କୁମାର ତ୍ରିପାଠୀ, ଓଡିଶା ଜନତା ପାର୍ଟିର ମନଜ ପ୍ରଧାନ, ହିନ୍ଦୁସ୍ତାନ ନିର୍ମାଣ ଦଳର ବିଜୟ କୁମାର ଜାଲାନାଙ୍କ ସମେତ ଅବ୍ୟୟଭାରତୀ ଶେଖାୱତ ରାଜପୁତ ଜୈନ, ଆଦିତ୍ୟ ପ୍ରଧାନ, ତପନ କୁମାର ସ୍ୱାଇଁ, ଦିନବନ୍ଧୁ ବିଶ୍ୱାଳ ଓ ପାର୍ବତୀ ବେହେରା ରହିଛନ୍ତି ।ମେ' ୧୭ତାରିଖରେ ନାମାଙ୍କନ ପ୍ରତ୍ୟାହାର ପରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ । ବ୍ରଜରାଜନଗରରେ ଭୋଟଗ୍ରହଣ ଇଭିଏମ୍ ମେସିନରେ ହେବ । ପ୍ରାୟ ୨ଲକ୍ଷ ୧୪ହଜାର ୫୬୪ଜଣ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ । ଏଥିପାଇଁ ୨୭୯ଟି ମତଦାନ କେନ୍ଦ୍ର ହୋଇଛି ।

## ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ଭଦ୍ରକ, ୧୩।୫(ପି.ଏନ):ଧୂମପାନ ଓ ଅନ୍ୟ ତମାଖୁ ସେବନ ନିଷିଦ୍ଧ ଜନିତ ଆଇନ କାନୁନ୍ ନମାନିବା ଯୋଗୁଁ ଲଗାତାର ତମାଖୁ ସହ ଜଡ଼ିତ ବିଭିନ୍ନ ରୋଗ ବିଶେଷ କରି ମୁଖ ଗହର ଜନିତ କ୍ୟାନସର ବଢ଼ିବାରେ ଲାଗିଛି । ଯଦି ଖୁବ ଶୀଘ୍ର ଏହା ଉପରେ ଲଗାମ ନ ଇଗାଯାଏ ତେବେ ଚ଼ାରିଆଡ଼ ? ଏହି ଧୂମପାନ ଓ ତମାଖୁ ସେବନ ପ୍ରସାରିତ ହୋଇ କୋଟି କୋଟି ଲୋକ ଏହାର ପ୍ରଭାବରେ ଆସିପାରନ୍ତି । ଏବେ ବି ଆମ ରାଜ୍ୟରେ ପ୍ରତି ବର୍ଷ ୫୨,୦୦୦ ଲୋକ ମୁଖଗହର କ୍ୟାନସରେ ପ୍ରାଣ ହରାଇଛନ୍ତି ।ତେଣୁ ତମାଖୁ ପ୍ରତି ଲୋକଙ୍କ ମଧ୍ୟରେ ଜାଗ୍ରତ ଉତ୍ପନ୍ନ କରିବା ସହିତ ସିଗାରେଟ୍ ତଥା ଅନ୍ୟ ତମାଖୁ ଉତ୍ପାଦକ ବ୍ୟବହାର, ବାଣିଜ୍ୟ, ଉତ୍ପାଦନ ଆଦି ନିଷେଦ୍ଧ ଜନିତ କୋଟପା ଆଇନକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯିବାର ଆବଶ୍ୟକ । ଏହି ପରିପ୍ରେକ୍ଷୀରେ ଆଜି ଆରକ୍ଷୀ ଅଧୀକ୍ଷକ ଚ଼ରଣ ସିଂ ମୀନାଙ୍କ ଅଧ୍ୟକ୍ଷତାରେ ତାଙ୍କ ସମ୍ମିଳନୀ କକ୍ଷରେ ତମାଖୁ ନିୟନ୍ତ୍ରଣ ଆଇନ୍ କାର୍ଯ୍ୟକାରୀତା ପାଇଁ ଧରପଗଡ଼ ଅକାରୀମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସାଧାରଣ ସ୍ୱାସ୍ଥ୍ୟ ଅଧିକାରୀ ଡା, ଭାରତୀ ରାଉତଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍.ପି ଯତୀନ୍ଦ୍ର କୁମାର ପଣ୍ଡା, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶାଳୟ,ଭୁବନେଶ୍ୱରର ଡ଼ା ଗିରିଜା ଶଙ୍କର ମିଶ୍ର, ଏପିଡେମିଲୋଜିଷ୍ଟ ଡ଼ା, କାଶୀନାଥ ପଣ୍ଡା ପ୍ରମୁଖ ଯୋଗ ଦେଇ ଉପାଦେୟ ତଥ୍ୟ ଉପସ୍ଥାପନାକରିଥିଲେ । ଶ୍ରୀଯୁକ୍ତ ମିଶ୍ର ରିସୋର୍ସପର୍ସନ ଭାବେ କର୍ମଶାଳାରେ ଉପସ୍ଥିତ ୧୯ଟି ଥାନାର ପୋଲିସ ସବଇନିସ୍ ?ପେକ୍ଟର ଓ ସଂପୃକ୍ତଅନ୍ୟ କେତେକ ବିଭାଗୀୟ ଅଧିକାରୀମାନଙ୍କୁ ଆଇର କାର୍ଯ୍ୟକାରୀତା ନେଇ ଦୀର୍ଘ ସମୟ ଧରି ଆମୂଳଚୂଳ ଆଲୋଚ଼ନା କରିବାସହିତ ତଥ୍ୟ ଭିତ୍ତିକ ଜ୍ଞାନ ପ୍ରଦାନ କରିଥିଲେ । ୨୦୦୩ରେ ପ୍ରଣୀତ କୋଟପା ଆଇନ୍ ଅନୁଯାୟୀ ସିଗାରେଟ୍ ଓ ଅନ୍ୟ ତମାଖୁଉତ୍ପାଦର ବିଜ୍ଞାପନ ନିଷେଧ, ବାଣିଜ୍ୟ, ବ୍ୟବସାୟ, ଉତ୍ପାଦନ, ଯୋଗାଣ, ବଣ୍ଟନକୁ ନିୟନ୍ତ୍ରଣ କରାଯିବା, ସର୍ବସାଧାରଣ ଜାଗାରେଧୂମପାନ ନିଷେଧ ଓ ଆଇନ୍ ଉଲଘନକାରୀଙ୍କ ପ୍ରତି ୨୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ବ୍ୟବସ୍ଥା, ୧୮ ବର୍ଷରୁ କମ୍ ବୟସର ପିଲାଙ୍କୁସିଗାରେଟ୍ ବା ଅନ୍ୟ ତମାଖୁ ଉତ୍ପାଦ ବିକ୍ରି ନକରିବା, ଶିକ୍ଷାନୁଷ୍ଠାନ ପ୍ରାଚ଼ୀର ରୁ ୧୦୦ ଗଜ ବା ୯୩ ମିଟର ଦୂରତା ମଧ୍ୟରେ ସିଗାରେଟ ବା ତମାଖୁ ବିକ୍ରୟ ନିଷେଧ କରାଯିବା, ତମାଖୁ ଉତ୍ପାଦ ପ୍ୟାକେଟ୍ ଉପରେ ସ୍ୱାସ୍ଥ୍ୟ ସତର୍କତା ଉଭୟ ଚ଼ିତ୍ର ଓ ବାକ୍ୟ ସ୍ଥାନଦେବା, ସମସ୍ତ ପ୍ରକାର ତମାଖୁ ଉତ୍ପାଦ ପାଇଁ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବେ ସମସ୍ତ ବିଜ୍ଞାପନ, ପ୍ରୋତ୍ସାହନ, ପୃଷ୍ଠପୋଷକତାକୁ ନିଷେଧକରାଯିବା ନେଇ ସେକସନ୍ ୪ ରୁ ୭ ପର୍ଯ୍ୟନ୍ତ ଆଇର ପ୍ରତିଟି ଦିଗକୁ ବ୍ୟାଖ୍ୟା କରିବା ସହିତ ସେ ନେଇ ଧରପଗଡ଼ ପ୍ରଣାଳୀଜୋରିମାନା ପରିମାଣ ଓ ଜେଲଦଣ୍ଡ ବ୍ୟବସ୍ଥା ଆଦି ସମ୍ବନ୍ଧରେ ପଙ୍ଖାନୁପାଙ୍ଖ ତାଲିମ୍ ପ୍ରଦାନ କରିଥିଲେ । ଓଡ଼ିଶାରେ ୪୫% ଲୋକ ତମାଖୁ ସେବନ କରୁଥିବାରୁ ଏହାକୁ ହଠାତ୍ ବନ୍ଦ କରାଯିବା ନେଇ ଅସହଜ ମନେ ହେଉଥିଲେ ବି ଏହାର ଯୋଗାଣ ଓ ଉତ୍ପାଦନରେହ୍ରାସ କରାଯିବା ଉପରେ ଗୁରୁତ୍ୱ ଦିଆଯାଉଛି । ୧୫% କିମ୍ବା ୨୦%କୁ ହ୍ରାସ ପାଇଲେ ସମ୍ପୂର୍ଣ୍ଣ ବନ୍ଦ କରାଯିବା କଥା ଚ଼ିନ୍ତା କରାଯିବବୋଲି ସୂଚ଼ନା ଦିଆଯାଇଥିଲା । ଏହି ପରିପ୍ରେକ୍ଷୀରେ ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ଦ୍ୱାରା ତମାଖୁ ସେବନ ହ୍ରାସ ଜନିତ ଲକ୍ଷ୍ୟ ହାସଲହୋଇ ପାରିବା ଆଧାରରେ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଭଦ୍ରକ ଜିଲ୍ଲାରେ ୪ ୨ଟି ସ୍କୁଲ ର ନିର୍ଦ୍ଧାରିତ ଦୂରତାକୁ ହଳଦିଆ ରଙ୍ଗରେ ଚ଼ିହ୍ନିତ କରି ଯେଲୋ ଜୋନ୍ ମଧ୍ୟରେ ତମାଖୁ ମୁକ୍ତ କରାଯାଇଥିବା କୁହାଯାଇଥିଲା । ବିଶେଷ କରି ୧୫ ରୁ ୧୭ ବର୍ଷ ବୟସ ମଧ୍ୟରେକିଶୋରମାନେ ଅଧିକ ଏହି ତମାଖୁ ସେବନ ପ୍ରତି ଆକର୍ଷିତ ହୋଇଥାନ୍ତି । ତେଣୁ ପ୍ରଥମ ପର୍ଯ୍ୟାୟରେ ହାଇସ୍କୁଲ ଗୁଡ଼ିକୁ ଏହି ତମାଖୁ ମୁକ୍ତ ଶିକ୍ଷାନୁଷ୍ଠାନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ପରବର୍ତ୍ତୀ ପର୍ଯ୍ୟାୟରେ ମହାବିଦ୍ୟାଳୟ, ବିଶ୍ୱ ବିଦ୍ୟାଳୟ ଗୁଡ଼ିକୁ ବି ଏଥିରେ ଅନ୍ତର୍ଭୁକ୍ତ କରାଯିବ । ପ୍ୟାକେଟ୍ ବିନା ଗୋଟିକିଆ ସିଗାରେଟ୍ ବିକ୍ରୟ କରାନଯିବା, ଠେଲା ଗାଡ଼ିରେ ତମାଖୁ ନବିକିବା, ଦୋକାନସମ୍ମୁଖରେ ଗୁଟଖା ମାଳ ନଝୁଲାଇବା, ପ୍ଲାଷ୍ଟିରେ ତମାଖୁ ନବିକିବା, ଆଇନ୍ ଉଲ୍ଲଘନ କାରୀମାନଙ୍କ ବିରୁଦ୍ଧରେ ଜୋରିମାନା ଓ ଅନ୍ୟ କାର୍ଯ୍ୟାନୁଷ୍ଠାନ ନେବାକୁ ଥିବା ୨୧ଟି ବର୍ଗର ପ୍ରାଧୀକୃତ ଅଧୁକାରୀ, ଧରପଗଡ଼ କରିବା ପାଇଁ ପୋଲିସ୍ ସବ୍‌ଇନିସ୍‌ପେକ୍ଟର ସ୍ତରରୁ ସମସ୍ତ ପୋଲିସ ଏବଂ ଅନ୍ୟ ସଂପୃକ୍ତ ପ୍ରାଧୀକୃତ ବିଭାଗୀୟ ଅଧିକାରୀମାନଙ୍କ ସମ୍ବନ୍ଧରେ ମଧ୍ୟ ସବିଶେଷ ତଥ୍ୟ ଉପସ୍ଥାପନକରାଯାଇଥିଲା । ପୋଲିସ ଅଧୁକାରୀମାନଙ୍କ ବ୍ୟତୀତ ଜିଲ୍ଲା ଶ୍ରମ ଅଧୁକାରୀ, ଜିଲ୍ଲା ସୂଚ଼ନା ଓ ଲୋକସମ୍ପର୍କ ଅଧୁକାରୀ, ଜିଲ୍ଲା ଶିକ୍ଷାଅଧିକାରୀଙ୍କ , ଖାଦ୍ୟ ନିରକ୍ଷକ, ଅବକାରୀ ଅଧୀକ୍ଷକ, ଡ୍ରଗସ୍ ଇନସ୍‌ପେକ୍ଟର ପ୍ରମୁଖ ମଧ୍ୟ ଏହି ପ୍ରଶିକ୍ଷଣରେ ଉପସ୍ଥିତ ଥିଲେ ।








## ଟି ଟାଇମ୍



### ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୂପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବିଷ୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବରକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯଷ୍ୟଟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଷ୍ୟରେ ସାହାଯଷ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ।



ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଷ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଷ୍ୟତୀତ ଅନଷ୍ୟ ରାଜଷ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଷ୍ୟାରେ ପର୍ଯଷ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଷ୍ୟଟକଙ୍କ ବର୍ଦ୍ଧିତ ସଂଖଷ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଷ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଷ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଷ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଷ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଷ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଷ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଷ୍ୟଟକଙ୍କ ଭିଡକୁ ଲକ୍ଷଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଷ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଷ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଷ୍ୟତି ହେବି ନାହିଁ।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଷ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଷ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯଷ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଷ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଷ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଷ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

## ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

## ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଷ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ଷ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୨, ମେ' ୧୪

# ବିଶ୍ୱାସ

ଚରାଚର ବିଶ୍ୱବ୍ରହ୍ମାଣ୍ଡର ଆଧାରଶୀଳ ହେଉଛନ୍ତି ଈଶ୍ୱର। ବ୍ୟବହାର ଜଗତରେ ସେ ହେଉଛନ୍ତି ବିଶ୍ୱାସର ପ୍ରତୀକ। ବିଶ୍ୱାସ ଶ୍ରଦ୍ଧା ସମନ୍ୱିତ ହୋଇ ସୃଷ୍ଟି ସମ୍ଭାରକୁ ସାକାର କରିବାରେ ସଫଳ ହୋଇଛି। ଭବାନୀ ଶଙ୍କରୌ ବନ୍ଦେ ଶ୍ରଦ୍ଧା ବିଶ୍ୱାସ ରୂପିଣୌ। ଶ୍ରୀରାମ ଚରିତ ମାନସରେ ସନ୍ଥ ତୁଳସୀ ଦାସ ଏହା ବର୍ଣ୍ଣନା କରିଛନ୍ତି। ଭବାନୀ ହେଉଛନ୍ତି ଭବ କାରିଣୀ, ଭବ ତାରିଣୀ, ଶ୍ରଦ୍ଧା ରୂପିଣୀ, ପ୍ରକୃତି ସ୍ୱରୂପା ବିଶ୍ୱ ଜନନୀ। ଶଙ୍କର ହେଉଛନ୍ତି ବିଶ୍ୱାସ ରୂପରେ ବିଶ୍ୱ ସୃଷ୍ଟିର ମୂଳାଧାର ପରମ ଈଶ୍ୱର ପରମ ପିତା ଦେବ ଦେବ ମହାଦେବ ଶିବ ଶଙ୍କର। ଶ୍ରଦ୍ଧା ଜୀବ ହେଲେ ବିଶ୍ୱାସ ପରମ। ଶ୍ରଦ୍ଧା ଜୀବାତ୍ମା ହେଲେ ବିଶ୍ୱାସ ପରମାତ୍ମା। ଶ୍ରଦ୍ଧା ପ୍ରକୃତି ସ୍ୱରୂପା, ବିଶ୍ୱାସ ପରମ ପୁରୁଷ ରୂପେ ପ୍ରତିଷ୍ଠିତ। ଶ୍ରଦ୍ଧା, ଶକ୍ତି, ସନାତନୀ ଆଉ ବିଶ୍ୱାସ ହେଲେ ସତ୍ୟ ସନାତନ ଶିବ। ଏହି ଦୃଶ୍ୟ ଅଦୃଶ୍ୟ ବିଶ୍ୱ ବ୍ରହ୍ମାଣ୍ଡ ସବୁକିଛି ହେଉଛି ଶ୍ରଦ୍ଧା ବିଶ୍ୱାସର ପରିପ୍ରକାଶ। ଶ୍ରଦ୍ଧାର ଘନୀଭୂତ ରୂପ ବିଶ୍ୱାସ ଏବଂ ବିଶ୍ୱାସର ବ୍ୟକ୍ତି ବିଭୂତି ଶ୍ରଦ୍ଧା ଅଟନ୍ତି। ଏକ ଶକ୍ତି ଦୁଇ ରୂପରେ ପ୍ରତିଭାତ। ପ୍ରରମ ବ୍ରହ୍ମ ପରମାତ୍ମା ବିଶ୍ୱାସ ହେଲେ ଶ୍ରଦ୍ଧା ତାଙ୍କର ଶକ୍ତି। ବିଶ୍ୱାସ ଏହି ବିଶ୍ୱ ଚେତନାର ମୂଳ।

ବିଶ୍ୱାସର ବିଭୂତି ବ୍ୟାପ୍ତ ହେଲେ ଶ୍ରଦ୍ଧା ହୋଇ ସଂସାର ରୂପେ ପରିବ୍ୟାପ୍ତ ହୋଇଯାଏ। ସେହି ଶ୍ରଦ୍ଧା, ସେହି ବିଶ୍ୱାସ, ସର୍ବ ସ୍ୱରୂପରେ ସେହି ଏକ ପରମାତ୍ମା ହିଁ ବିଦ୍ୟମାନ। ବସ୍ତୁତଃ ଆମେ ସଂସାର ଠାରୁ ଭିନ୍ନ ଏବଂ ପରମାତ୍ମାଙ୍କ ଠାରୁ ଅଭିନ୍ନ। ଅନୁଭବୀଙ୍କ ଅନୁଭବରେ ଏହି ବିଶ୍ୱାସ ବୋଧ ବଳିଷ୍ଠ ହେବା ଉଚିତ। ବିଶ୍ୱାସ ବୋଧକୁ ବଳିଷ୍ଠ କରିବା ପାଇଁ ଦିବ୍ୟଦ୍ରଷ୍ଟ ମହାମାନବ ମାନେ ଅନେକ ଉପାୟ ଅବଲମ୍ବନ କରିବାକୁ କହିଛନ୍ତି। ଶ୍ରଦ୍ଧା ସହିତ ବିଶ୍ୱାସ ହେଉ, ଜୀବ ସହିତ ପରମ ହୁଅନ୍ତୁ, ପ୍ରତ୍ୟେକ ଆପଣା ଆପଣା ଭାବ ଆଧାରରେ ଯୋଗଯୁକ୍ତ ହେବାର ପଥ ଅନୁସରଣ କରିଥାଆନ୍ତି। ଏଗୁଡ଼ିକ ହେଲେ କର୍ମ, ଜ୍ଞାନ ଓ ଭକ୍ତି। ଏହି ସବୁକୁ ଆମେ ଏକ ଏକ ଯୋଗ ପଥ ଭାବେ ଗ୍ରହଣ କରିଥାଉ। କର୍ମ ଯୋଗ ଦ୍ୱାରା ଅନାସକ୍ତ ଭାବେ ସଂସାରରୁ ବିମୁକ୍ତ ହୋଇଗଲେ ବିଶ୍ୱାସ ଘନୀଭୂତ ହୋଇଯିବ। ଜ୍ଞାନଯୋଗ ଦ୍ୱାରା ଆତ୍ମା ଯେ ଏକ ଏବଂ ଅଦ୍ୱିତୀୟ ଏହି ବିଶ୍ୱାସ ଦୃଢ଼ୀଭୂତ ହୋଇ ଉଠିବ। ଭକ୍ତିଯୋଗ ଦ୍ୱାରା ଭଗବାନଙ୍କ ପ୍ରତି ଅହେତୁକ ପ୍ରୀତି ବିଶ୍ୱାସ ଦ୍ୱାରା ସମର୍ପିତ ହୋଇଉଠେ।

ବିଶ୍ୱାସରେ ଜୀବନର ସୃଷ୍ଟି। ପିତାମାତା ପ୍ରିୟ ପରିଜନବର୍ଗ ଗଭୀର ବିଶ୍ୱାସରେ ଶିଶୁକୁ ପ୍ରତୀକ୍ଷା କରନ୍ତି, ଆନନ୍ଦର ଆଗମନୀ ସଙ୍ଗୀତରେ ସ୍ୱାଗତ ଜଣାନ୍ତି। ବିଶ୍ୱାସରେ ଜୀବନର ବିକାଶ, ବିସ୍ତୃତି ଆଉ ସମୃଦ୍ଧି। ବିଶ୍ୱାସ ମଧ୍ୟ ଜୀବନର ପରିଣତିକୁ ପ୍ରତ୍ୟାଶା କରେ ସ୍ୱର୍ଗଦ୍ୱାର, ଶିବାଳୟ କିମ୍ବା କୌଣସି ସ୍ମଶାନ ଘାଟରେ। ଖାଲି ସେତିକି ନୁହେଁ ମୃତ୍ୟୁ ଉପରାନ୍ତ ମଧ୍ୟ ବିଶ୍ୱାସ ଆତ୍ମସତ୍ତାର ଉତ୍ତରଣରେ ଆସ୍ଥା ରଖେ। ନିତିଦିନିଆ ବ୍ୟବହାର ଜଗତରେ ମଧ୍ୟ ବିଶ୍ୱାସ ବିନା କାର୍ଯ୍ୟ ଚଳେନାହିଁ। ଘର ସଂସାର, ପରିବାର, ପରିଜନ, ବନ୍ଧୁବାନ୍ଧବ ସବୁକିଛି ବିଶ୍ୱାସର ବଳିଷ୍ଠ ବନ୍ଧନରେ ବନ୍ଧା। ବିଶ୍ୱାସ ବିନା ଜୀବନ ନାହିଁ। ବିଶ୍ୱାସ ପାଇଁ ବିଶ୍ୱ ଏତେ ସୁନ୍ଦର। ବିଶ୍ୱାସର ଚେତନା ପ୍ରବାହରେ ବିଶ୍ୱ ପ୍ରାଣବନ୍ତ, ଚେତନାଯୁକ୍ତ ବୋଧ ହୁଏ। ବିଶ୍ୱାସର ବିସ୍ମୟ ବିଭୂତି ଶକ୍ତି। ଅସମ୍ଭବକୁ ସମ୍ଭବ କରିବାରେ ଅଦ୍ଭୁତରୁ ଅଦ୍ଭୁତ ଚମତ୍କାରିତା ବିଶ୍ୱାସ ବଳରେ ବ୍ୟକ୍ତ ହୋଇଥାଏ। ଆମର ସମସ୍ତ ଶାସ୍ତ୍ର ପୁରାଣର ପୃଷ୍ଠାସବୁ ବିଶ୍ୱାସର ବିଶେଷ ମହିମା ବର୍ଣ୍ଣନାରେ ବିମଣ୍ଡିତ ହୋଇଛି।

ଓଡ଼ିଆ ଭାଗବତର ରଚନାକାର ଶ୍ରୀ ଜଗନ୍ନାଥ ଦାସଙ୍କ ଜୀବନର ଏକ ରୋଚକ କାହାଣୀ ମନକୁ ଆସୁଛି - ଭାଗବତ ରଚନା ପରେ ଜଗନ୍ନାଥ ଦାସ ଚିନ୍ତା କଲେ ଜଣେ ଜ୍ଞାନୀ ଗୁଣବ୍ୟକ୍ତିଙ୍କୁ ଟିକେ ପାଣ୍ଡୁଲିପିଟି ଦେଖାଇ ଦେବା ପାଇଁ। ତାଙ୍କ ବିଚାରରେ ବ୍ରହ୍ମଗିରି ନିକଟସ୍ଥ କାଣ୍ଡଗଦାର ମନେଇ ସାହୁ ଜଣେ ଯୋଗ୍ୟ ବ୍ୟକ୍ତି ଥିଲେ। ତେଣୁ ଭାଗବତର ପାଣ୍ଡୁଲିପି ଧରି ସେ ଦିନେ ତାଙ୍କ ଘରେ ପହଞ୍ଚିଲେ ସ ନିଜର ଇଛା ବ୍ୟକ୍ତ କଲେ। ମନେଇ ସାହୁ କହିଲେ - ପଣ୍ଡିତ ମହାରାଜ! ଆପଣ ଆପଣଙ୍କ ପାଣ୍ଡୁଲିପି ଥୋଇ ଦେଇ ଯାଆନ୍ତୁ ମୁଁ ଦେଖି ଦେଇଥିବି। ଆପଣ ମାସକ ପରେ ଆସି ନେଇଯିବେ। ସେହି ଅନୁଯାୟୀ ଜଗନ୍ନାଥ ଦାସ ଯାଇ ମନେଇ ସାହୁଙ୍କ ଘରେ ପହଞ୍ଚିଲେ। ପଚାରିଲେ! ଆଜ୍ଞା ଆପଣ ଟିକେ ଆଖି ପକାଇ ଦେଇଛନ୍ତି? ସେ କହିଲେ ହଁ ଦେଖିଦେଇଛି। ଜଗନ୍ନାଥ ଦାସ ପୁନଶ୍ଚ ପଚାରିଲେ କିପରି ହୋଇଛି? ସେ କହିଲେ ଲେଖା ଭଲ ହୋଇଛି ହେଲେ ସାମାନ୍ୟ ଟିକେ ଲୁଣ ପଡ଼ିଥାଆନ୍ତା। ଜଗନ୍ନାଥ ଦାସ କହିଲେ ଟିକେ ଲୁଣ ପକାଇ ଦେଲେନି? ମନେଇ ସାହୁ କହିଲେ ପକାଇ ଦେଇଛି। ସେଥିରେ ସେ ଚାରି ଧାଡ଼ି ମାତ୍ର ଯୋଡ଼ିଛନ୍ତି। 'କହେଇଁ ଜଗନ୍ନାଥ ଦାସ, ମୂଳଟି ଅଟଇ ବିଶ୍ୱାସ।। ବିଶ୍ୱାସ ବିନା କର୍ମ ଯେତେ। ଫଳ ନଫଳେ କଦାଚିତେ।।' ଦନେଇ ସାହୁ ତେଲିଙ୍କ ଦ୍ୱାରା ଓଡ଼ିଆ ଭାଗବତ ସଂଶୋଧିତ ହୋଇଥିବାରୁ ଲୋକ ସୁଖରେ ଏହା ତେଲି ଭାଗବତ। ବାସ୍ତବରେ ଦନେଇ ସାହୁଙ୍କ ଭକ୍ତି ସର୍ବୋଚିତଭାବେ ସତ୍ୟ। ବିଶ୍ୱାସ ବିନା କିଛି ନାହିଁ। ଏହା ସମସ୍ତ ଶାସ୍ତ୍ରର ମର୍ମବାଣୀ ଓ ମୂଳ ନିର୍ଯ୍ୟାସ। ବିଶ୍ୱାସ ଏକ ତିନି ଅକ୍ଷର ବିଶିଷ୍ଟ ଛୋଟିଆ। ଶବ୍ଦ ପଢ଼ିବାକୁ ମୁହୂର୍ତ୍ତେ ଲାଗିବ ନାହିଁ। ଭାବି ବସିଲେ ଦିନ ଦିନ ବିତିଯିବ। ବୁଝିବା ପାଇଁ ମାସ ମାସ ଲାଗିଯିବ। ପ୍ରମାଣକରି ଧରି ରଖିବାକୁ ସାରା ଜୀବନ ମଧ୍ୟ ପର୍ଯ୍ୟାପ୍ତ ହେବନାହିଁ। ନିଶ୍ୱାସ ବନ୍ଦ ହେଲେ ମଣିଷ ଥରୁଟିଏ ମରେ। ବିଶ୍ୱାସ ତୁଟିଗଲେ ମଣିଷ ଜୀବନ ସାରା ମରି ମରି ବଞ୍ଚିଥାଏ। ବିଶ୍ୱାସ ତୁଟିବାକୁ ଗୋଟିଏ ମୁହୂର୍ତ୍ତ ହେଲେ ବିଶ୍ୱାସ ଜିତିବା ପାଇଁ ଜୀବନ ସାରା ସତର୍କତା ଲୋଡ଼ା। ବିଶ୍ୱାସର ସବୁଠାରୁ ବଡ଼ ଶତ୍ରୁ ହେଉଛି ସନ୍ଦେହ। ସାବଧାନ ଓ ସତର୍କ ହୋଇ ବିଶ୍ୱାସ ବୃକ୍ଷକୁ ବଞ୍ଚାଇ ରଖିବା ଦରକାର।

ଜୀବନ ହେଉଛି ଶ୍ରଦ୍ଧା ବିଶ୍ୱାସର ସମ୍ମିଳିତ ରୂପ। ଯେଉଁଠି ଜୀବନ ଅଛି ସେଠି ଶ୍ରଦ୍ଧା ଅଛି। ଯେଉଁଠି ଶ୍ରଦ୍ଧା ଅଛି ସେଠାରେ ବିଶ୍ୱାସ ଅଛି। ଯେଉଁଠାରେ ବିଶ୍ୱାସ ଅଛି। ସେଠାରେ ସୁଖ, ଶାନ୍ତି, ଆନନ୍ଦ ପରିପୂର୍ଣ୍ଣ ହୋଇ ରହିଛି। ଯେଉଁଠାରେ ସୁଖଶାନ୍ତି ଆନନ୍ଦ ଅଛି ସେଠାରେ ସଚ୍ଚିଦାନନ୍ଦ ଘନ ପ୍ରେମ ମୂର୍ତ୍ତି ଭଗବାନ ଅଛନ୍ତି। ଯେଉଁଠାରେ ଭଗବାନ ବିଦ୍ୟମାନ ଅଛନ୍ତି ସେଠାରେ ସବୁଅଛି। ତେବେ ଆସନ୍ତୁ ବିଶ୍ୱାସ ରୂପକ ଈଶ୍ୱରଙ୍କୁ ଶ୍ରଦ୍ଧାଯୁକ୍ତ ହୋଇ ଆବାହ୍ନ କରିବା। ଆରାଧନା କରିବା ବିଶ୍ୱାସକୁ ଆଧାର କରି ସତ୍ୟ ପରମାନନ୍ଦ ହରିଙ୍କ ସହିତ ଏକିଭୂତ ହୋଇଯିବା।

**ହେମନ୍ତ କୁମାର ପରିଡ଼ା,** ମାଳତୀକୁଞ୍ଜ, ପ୍ଲଟ ନଂ. ୫୨୬/ଡ଼ି, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ: ୮୭୬୩୧୦୭୧୨୬/୮୯୧୭୬୭୮୧୫୯

## ଆଜିର ଅନୁଚିନ୍ତା

*ଆମେ କାହିଁକି ମଣିଷ ହେଲୁ ? ସେ କାହିଁକି ପଶୁ ହେଲା ? ଏହାହିଁ ତ' ସ୍ରଷ୍ଟାଙ୍କର ସୃଷ୍ଟିର ବୈଚିତ୍ର୍ୟ !*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଦାରିଦ୍ର୍ୟ ଆମର ଚିର ସହଚର !

**ହିମାଂଶୁଶେଖର ଆଚାର୍ଯ୍ୟ**



ସାଧାରଣରେ ଗୋଟିଏ କଥା ସବୁବେଳେ ଆଲୋଚିତ ହୋଇଥାଏ। ତାହା ହେଲା ଦେଶ ଗରିବ ହୁଏ କାହିଁକି? ଏ ସମ୍ପର୍କରେ ବିଭିନ୍ନ ସ୍ତରରେ ଭିନ୍ନ ଭିନ୍ନ ଆଲୋଚନା ହୋଇଥାଏ। ବିଭିନ୍ନ କାରଣ ମଧ୍ୟ ଖୋଜା ଯାଇଥାଏ। କିନ୍ତୁ ସଠିକ୍ ଉତ୍ତର ମିଳିପାରେ ନାହିଁ। ସାଧାରଣ ଅର୍ଥରେ କହିଲେ ଗରିବ ଏକ ସାମାଜିକ ଅବସ୍ଥାକୁ ବୁଝାଇଥାଏ, ଯେଉଁଠି ଲୋକମାନେ ସର୍ବନିମ୍ନ ମୌଳିକ ଆବଶ୍ୟକତାରୁ ବ□ତ ହୋଇଥାନ୍ତି। ଏହି ଦୃଷ୍ଟିରୁ ବିଚାର କଲେ ଭାରତ ଭଳି ବିକାଶମୁଖୀ ଦେଶମାନଙ୍କରେ ଦାରିଦ୍ର୍ୟର ଉତ୍କଟ ଅବସ୍ଥା ଦେଖାଦେଇଥାଏ। ଏହାର କାରଣ ସମ୍ପର୍କରେ ବୁଝାଇବାକୁ ଯାଇ ଅର୍ଥଶାସ୍ତ୍ରୀ ରାଗ୍‌ନର ନରକ୍ସେ କହିଛନ୍ତି- 'ଗୋଟିଏ ଦେଶ ଗରିବ କାରଣ ତାହା ଗରିବ'। ଅନ୍ୟଅର୍ଥରେ କହିଲେ ଗୋଟିଏ ଦେଶର ଦାରିଦ୍ର୍ୟର କାରଣ ହେଉଛି ସେ ଦେଶର ଦାରିଦ୍ର୍ୟ। ଏଦୃଷ୍ଟିରୁ ବିଚାର କଲେ ଦେଶର ଦାରିଦ୍ର୍ୟର କାରଣ ବହୁବିଧ। ଉଭୟ ଚାହିଦା ଓ ଯୋଗାଣ ପାର୍ଶ୍ୱରେ



ସ୍ୱଳ୍ପ ମୁଣ୍ଡ ପିଛା ଆୟ, ସ୍ୱଳ୍ପ ଚାହିଦା, ସ୍ୱଳ୍ପ ସଂଚୟ, ସ୍ୱଳ୍ପ ନିବେଶ ଦାରିଦ୍ର୍ୟର କରାଳଚକ୍ର ସୃଷ୍ଟି କରୁଛି । ଏଥିପାଇଁ ସ୍ୱଳ୍ପ ଉତ୍ପାଦନ ସହିତ ମୁଣ୍ଡ ପିଛାଆୟ ହ୍ରାସ ପାଉଛି। ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ଆମ ଦେଶରେ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ଲୋକଙ୍କ ସଂଖ୍ୟା ୧୯୯୩-୯୪ ମୋଟ ଜନ ସଂଖ୍ୟାର ୪୫.୩ ପ୍ରତିଶତ ଥିଲା, ଯାହା କି ୨୦୦୪-୦୫ ବେଳକୁ ୩୭.୨ ପ୍ରତିଶତକୁ ହ୍ରାସ



ପାଇଥିଲା। ଗ୍ରାମା□ଳରେ ଦାରିଦ୍ର୍ୟର ଅନୁପାତ ସେହି ସମୟ ମଧ୍ୟରେ ୫୦.୧ପ୍ରତିଶରୁ ୪୧.୮ ପ୍ରତିଶତକୁ ହ୍ରାସ ପାଇଥିଲା। ସହରା□ଳରେ ଏହି ଅନୁପାତ ୧୯୯୩-୯୪ ରୁ ୩୧.୮ ପ୍ରତିଶତକୁ ୨୦୦୪-୦୫ରେ ୨୫.୭ ପ୍ରତିଶତକୁ ହ୍ରାସ ପାଇଥିଲା। ୨୦୧୧-୧୨ ବେଳକୁ ଦେଶର ମୋଟ ଦାରିଦ୍ର୍ୟ ହାର ୨୧.୯ ପ୍ରତିଶତକୁ ହ୍ରାସ ପାଇଥିଲା। ସଂଖ୍ୟାନୁସାରେ ଏହି ସମୟରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ୪୧ କୋଟିରୁ ୨୭ କୋଟିକୁ ହ୍ରାସ ପାଇଥିଲା। ତେବେ ଏହି ତଥ୍ୟ ସୁରେଶ ତେନ୍ଦୁଲକର କମିଟି ଆଧାରରେ ଦିଆଯାଇଛି। କିନ୍ତୁ ଶ୍ରୀ ରଙ୍ଗରାଜନଙ୍କ କମିଟି ରିପୋର୍ଟରେ ଦେଶର ଦାରିଦ୍ର୍ୟ ହାର ୨୯.୭ ପ୍ରତିଶତ ବୋଲି କଳନା କରାଯାଇଛି। ନିକଟରେ ନୀତି ଆୟୋଗ ଦ୍ୱାରା ପ୍ରସ୍ତୁତ ରିପୋର୍ଟରେ ଦାରିଦ୍ର୍ୟ କ୍ଷେତ୍ରରେ ଜାତୀୟ ହାର ୨୫.୦୧ ପ୍ରତିଶତ ରହିଥିବା ବେଳେ ଓଡିଶାରେ ଏହା ୨୯.୩୫ ପ୍ରତିଶତ ରହିଛି। ବିହାର ଦାରିଦ୍ର୍ୟରେ ଏକ ନମ୍ବରରେ ଥିବାବେଳେ ଓଡିଶା ସ୍ଥାନ ନବମରେ ରହଛି । ଅର୍ଥାତ ରାଜ୍ୟରେ ତିନି ଜଣରେ ଜଣେ ଗରିବ। ମାଳ ମାଳ ଯୋଜନା ସତ୍ତ୍ୱେ ଗରିବ ହଟୁନି। ଏକ ଅନୁକୂଳ ପରିବେଶ ଜୀବନଧାରଣ ପାଇଁ ଅପରିଧାର୍ଯ୍ୟ ଜନସଂଖ୍ୟାର ବିସ୍ଫୋରଣ ପରିବେଶ ପାଇଁ ଏକ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଛି। ଦାରିଦ୍ର୍ୟ ନିୟନ୍ତ୍ରଣ ପାଇଁ କେତେକ ଫଳପ୍ରଦ ପଦକ୍ଷେପ ନେବା ଜରୁରୀ ମନେହୁଏ। ନିବେଶ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାଏ। ଏହା ଲୋକମାନଙ୍କ ଆୟ ବୃଦ୍ଧି କରି ଦାରିଦ୍ର୍ୟ ହ୍ରାସ କରିବା ପାଇଁ ସହାୟକ ହୋଇଥାଏ। ଭାରତରେ ଘରୋଇ ସ□ୟ ବୃଦ୍ଧି ଘରୋଇ ଆୟ ଉପରେ ନିର୍ଭୟ କରୁଥିବାରୁ ଏହା ଆମ ଦେଶ ପାଇଁ ଅସମ୍ଭବ ମନେହୁଏ ତେଣୁ ଆମେ ପ୍ରଥମେ ବିଦେଶୀ ନିବେଶ ଉପରେ ନିର୍ଭର କରି ପରେ ଘରୋଇ ନିବେଶ ଓ ସ□ୟ ବୃଦ୍ଧି ପାଇଁ ଯତ୍ନବାନ ହେବା ଆବଶ୍ୟକ। ପରିସଂଖ୍ୟାନରୁ ଜଣାଯାଏ, ସାରା ବିଶ୍ୱରେ ଏବେବି ୧.୩ ବିଲିୟନ ବା ୨୨ ପ୍ରତିଶତ ଲୋକ ଚରମ ଦାରିଦ୍ର୍ୟରେ ରହିଛନ୍ତି। ଚରମ ଦାରିଦ୍ର୍ୟ ରହିଥିବା ଦେଶ ମଧ୍ୟରେ ନାଇଜେରିଆରେ ୮୬.୯ ପ୍ରତିଶତ, କଙ୍ଗୋରେ ୬୦.୯ ପ୍ରତିଶତ ଲୋକ ଉତ୍କଟ ଦାରିଦ୍ର୍ୟରେ ରହିଥିବାର ଜଣାଯାଏ। ସେହିପରି କମ୍ ଦାରିଦ୍ର୍ୟ ଥିବା ଦେଶ ମାନଙ୍କ ମଧ୍ୟରେ କତାର, ମକାଓ, ସିଙ୍ଗାପୁର ଓ ଯୁକ୍ତରାଷ୍ଟ୍ର ଆମେରିକା ଭଳି ଦେଶମାନେ ରହିଛନ୍ତି। ସେହିପରି ମୋଟ ଜାତୀୟ ଉତ୍ପାଦକୁ ହିସାବକୁ ନେଲେ ଆମ ଦେଶ ଭାରତର ସ୍ଥାନ ୧୨୪ ରେ ରହିଛି। ସମ୍ପ୍ରତି ମହାମାରୀ କରୋନା ଯୋଗୁଁ ସାରା ବିଶ୍ୱର ଅର୍ଥନୀତି ଧ୍ୱସ୍ତ ବିଧ୍ୱସ୍ତ। ଶିଳ୍ପ ଜଗତ କୋମାରେ। କୃଷି କ୍ଷେତ୍ରରେ ଅଗ୍ରଗତି ସନ୍ତୋଷ ଜନକ ନୁହେଁ। ଅନ୍ୟାନ୍ୟ ଆନୁସଙ୍ଗିକ କ୍ଷେତ୍ରରେ ମଧ୍ୟ ସ୍ଥାଣୁତା। ଫଳରେ ବିଶ୍ୱ ସମେତ ଆମ ଦେଶରେ ନିଯୁକ୍ତି କ୍ଷେତ୍ରରେ ପ୍ରତିକୂଳ ପ୍ରଭାବ ପକାଇଛି। ଏଥିପାଇଁ ଦାରିଦ୍ର୍ୟ ହାର ମଧ୍ୟ ବଢ଼ିଛି। ଗରିବ ହଟାଓ ଆମ ଜାତୀୟ ସ୍ଲୋଗାନ ହୋଇଥିଲେ ମଧ୍ୟ ଦାରିଦ୍ର୍ୟ ଭାରତ ପାଇଁ ଏକ ଆହ୍ୱାନ ହୋଇରହିଛି। ଏହା ନିଶ୍ଚିତ ପରିତାପର ବିଷୟ। ଏପରିକି ଦ୍ୱାଦଶ ପ□ବାର୍ଷିକ ଯୋଜନା ପରେବି ଏ କ୍ଷେତ୍ରରେ ଆମର ଅଗ୍ରଗତି ସନ୍ତୋଷ ଜନକ ହୋଇପାରି ନାହିଁ। ଜନସଂଖ୍ୟା ବୃଦ୍ଧି ଏହାର ଏକ ପ୍ରମୁଖ କାରଣ। କୁହାଯାଏ, ବିକାଶ ପ୍ରକ୍ରିୟାରେ ମାନବ ସମ୍ବଳ ଏକ ଅବିଚ୍ଛେଦ୍ୟ ଅଙ୍ଗ। କିନ୍ତୁ ଭାରତରେ ଜନସଖ୍ୟା ବୃଦ୍ଧ ଆମ ପ୍ରଗତି ପଥରେ ପ୍ରଧାନ ପ୍ରତିବନ୍ଧକ ଭାବେ ଉଭା ହୋଇଛି। ଫଳରେ ଭାରତରେ ଯେତେ ସାମାଜିକ ଓ ଅର୍ଥନୈତିକ ସମସ୍ୟା ସୃଷ୍ଟି ହେଉଛି ତାର ମୂଳରେ ରହିଛି



ଏହି ଜନସଂଖ୍ୟା ବିସ୍ଫୋରଣ। ଇତିମଧ୍ୟରେ ଭାରତର ଜାତୀୟ ଆୟ ୭ ଗୁଣ ଆୟ ବୃଦ୍ଧି ପାଇଥିବା ବେଳେ ମୁଣ୍ଡପିଛା ଆୟ ମାତ୍ର ୩ଗୁଣ ବୃଦ୍ଧି ପାଇଛି। ଅର୍ଥ ଶାସ୍ତ୍ରୀ ମାଲଥସ୍‌ଙ୍କ ମତରେ ଏକ ଜନବହୁଳ ରାଷ୍ଟ୍ରରେ ଖାଦ୍ୟ ଯୋଗାଣ ଅପେକ୍ଷା ଜନସଂଖ୍ୟାର ବୃଦ୍ଧି ଅଧିକା ହୋଇଥାଏ। ଏହା ଉତ୍କଟ ଖାଦ୍ୟ ସମସ୍ୟା ସୃଷ୍ଟି କରିଥାଏ। ଏଥି ସହିତ ଶ୍ରମଶକ୍ତିର ଯୋଗାଣ ଚାହିଦାଠାରୁ ଅଧିକା ହେଲେ ବେକାରୀ ସୃଷ୍ଟି ହୁଏ । ବେକାରୀ ସମସ୍ୟା ଭାରତୀୟ ଅର୍ଥନୀତିର ଚିର ସହଚର ହୋଇ ରହିଛି। ଜନସଂଖ୍ୟାର ଦ୍ରୁତ ବୃଦ୍ଧି ଉପଭୋଗ ଖର୍ଚ୍ଚ ବଢ଼ାଇଥାଏ। ଫଳରେ ସ□ୟ କମିଯାଏ ଓ ପୁଞ୍ଜିଗଠନ ହ୍ରାସପାଏ।



ପ୍ରାୟ ୬୦ପ୍ରତିଶତ ଭାରତର କୃଷି ଉପରେ ନିର୍ଭରଶୀଳ। ନିମ୍ନ କୃଷି ଉତ୍ପାଦନଶୀଳତା। ଗ୍ରାମା□ଳ ଦାରିଦ୍ର୍ୟତାର ମୁଖ୍ୟ କାରଣ। ତେଣୁ କୃଷିର ଦ୍ରୁତ ବିକାଶ ପାଇଁ ବିଭିନ୍ନ ପଦକ୍ଷପ ନେବା ଆବଶ୍ୟକ ଫଳରେ ଏହା ଗ୍ରାମା□ଳ ଆୟ ବୃଦ୍ଧି କରି ଦାରିଦ୍ର୍ୟ ଦୂର କରିବାରେ ସହାୟକ ହୋଇପାରିବ। ଏଥି ସହିତ କୃଷି ଓ ଶିଳ୍ପ ପରସ୍ପର ନିର୍ଭରଶୀଳ। ଯେକୌଣସି ଗୋଟିକର ବିକାଶ, ଅନ୍ୟଟିର ବିକାଶ ପାଇଁ ପଥ ପରିଷ୍କାର କରିଥାଏ। ସେହିପରି କୃଷିଭିତ୍ତିକ ଶିଳ୍ପର ବିକାଶ ହେଲେ ଶିଳ୍ପ କ୍ଷେତ୍ରରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇ ଦାରିଦ୍ର୍ୟ ହଟାଇପାରିବ। ଏଥିସହିତ ଯୁକ୍ତିଯୁକ୍ତ ଉତ୍ପାଦନ କୌଶଳ ରାଷ୍ଟ୍ରରୁ ବେକାରୀ ଦୂର କରିବା ପାଇଁ ସହାୟକ ପ୍ରଦାନ କରେ। ଉତ୍ପାଦନ କୌଶଳ ଦୁଇ ପ୍ରକାର। ଯଥା: ଶ୍ରମ ପ୍ରଧାନ କୌଶଳ ଓ ପୁଞ୍ଜି ପ୍ରଧାନ କୌଶଳ। ଭାରତ ଭଳି ଜନବହୁଳ ଦେଶରେ ଶ୍ରମ ପ୍ରଧାନ କୌଶଳକୁ ବ୍ୟବହାର କରିବା ଉଚିତ। କାରଣ ଦାରିଦ୍ର୍ୟ ନିରାକରଣ ପାଇଁ ଗଣନିଯୁକ୍ତିର ଯଥେଷ୍ଟ ଆବଶ୍ୟକତା ରହିଛି। ଏତଦ୍‌ବ୍ୟତୀତ ଆଉ କେତେକ ପଦକ୍ଷେପ ନେବା ଜରୁରୀ ମନେହୁଏ। ସେଗୁଡିକ ହେଲା-(କ) ନିମ୍ନ ଆୟକାରୀ ଗୋଷ୍ଠୀ ଦ୍ୱାରା ବ୍ୟବହୃତ ଦ୍ରବ୍ୟ ଉପରେ ସରକାର କମ୍ ଟିକସ ବସାଇବା ଆବଶ୍ୟକ। ଏହା ସେମାନଙ୍କର ଉପଭୋଗ କ୍ଷମତା ବୃଦ୍ଧି କରିପାରିବ ଏବଂ ସେମାନଙ୍କୁ ଦାରିଦ୍ର୍ୟର ସୀମାରେଖା ଉପରକୁ ଆଣିପାରିବ। (ଖ) ଦରିଦ୍ରମାନଙ୍କୁ ସରକାରୀ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ଅତ୍ୟାବଶ୍ୟକ ଦ୍ରବ୍ୟ ରିହାତି ମୂଲ୍ୟରେ ଯୋଗାଇଦେବା ଉଚିତ୍। (ଗ) ଆଇନ୍ ଦ୍ୱାରା ସରକାର ସମସ୍ତଙ୍କ ପାଇଁ ନ୍ୟାୟୋଚିତ ମଜୁରୀ ବ୍ୟବସ୍ଥା କରିବା ଉଚିତ୍। (ଘ) ଦରିଦ୍ରମାନଙ୍କୁ ବିନା ମୂଲ୍ୟରେ ସ୍ୱାସ୍ଥ୍ୟ ଓ ଶିକ୍ଷା ଯୋଗାଇଦେବା ଉଚିତ। (ଙ) ପ୍ରତ୍ୟେକ ଦରିଦ୍ର ପରିବାରର ଅତିକମ୍‌ରେ ଜଣକୁ ନିଯୁକ୍ତି ଦେବା ଜରୁରୀ।

ଦାରିଦ୍ର୍ୟ ଉଭୟ ସମାଜ ଓ ଅର୍ଥବ୍ୟବସ୍ଥା ପାଇଁ ଏକ ଅଭିଶାପ। ଏହା ବିଭିନ୍ନ ସାମାଜିକ ଓ ଅର୍ଥନୈତିକ ସମସ୍ୟା ସୃଷ୍ଟି କରିଥାଏ। ବିଶ୍ୱସ୍ତରରୁ ଆରମ୍ଭ କରି ଆମ ଦେଶ ତଥା ରାଜ୍ୟରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ଅନେକ ଯୋଜନା କରାଯାଇଛି ଓ କରାଯାଉଛି ମଧ୍ୟ। କିନ୍ତୁ ସେଗୁଡିକର ସଫଳତା ଉତ୍ସାହଜନକ ନୁହେଁ। ତେଣୁ ଦାରିଦ୍ର୍ୟର ଆଶୁ ନିରାକରଣ ପାଇଁ ଅଧିକ ନିବେଶ, କୃଷିର ବିକାଶ, ଯୁକ୍ତିଯୁକ୍ତ ଉତ୍ପାଦନ କୌଶଳ, ଦରଦାମର ସ୍ଥିରତା, ଅସମାନତା ହ୍ରାସ, ଜନସଂଖ୍ୟା ନିୟନ୍ତ୍ରଣ ଓ ସର୍ବୋପରି କ୍ଷୁଦ୍ରଶିଳ୍ପ ଓ କୁଟୀର ଶିଳ୍ପ ବିକାଶ ଉପରେ ସର୍ବାଧିକ ଗୁରୁତ୍ୱ ଦେବା ଉଚିତ। ତାହା ନହେଲେ ଦାରିଦ୍ର୍ୟ ଆମ ପାଇଁ ଚିର ସହଚର ହୋଇ ରହିଯିବ!

*-ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର, ମୋ-୯୯୩୭୧୫୧୦୫୨*

# ଭଗବାନ ପ୍ରତ୍ୟେକ ରୂପରେ ଭକ୍ତବତ୍ସଳ : ନୃସିଂହ ଅବତାର






ଭଗବାନ ପ୍ରତ୍ୟେକ ରୂପରେ ଭକ୍ତବତ୍ସଳ। ସେ ଭକ୍ତର ଡାକ ଶୁଣି ତାକୁ ରକ୍ଷା ଏବଂ ସହାୟତା ନିମନ୍ତେ ଚାଲି ଆସିଥାନ୍ତି। କୌଣସି ମୁହୂର୍ତ୍ତ କୌଣସି ନା କୌଣସି ରୂପରେ ଭଗବାନ ପୃଥିବୀରେ ଅବତରିତ ହୋଇ ଭକ୍ତର ଉଦ୍ଧାର କରିଥାନ୍ତି। ଭକ୍ତ ପ୍ରହ୍ଲାଦର ରକ୍ଷା ନିମନ୍ତେ ଭଗବାନ ନୃସିଂହ ଅବତାର ନେଇଥିଲେ। ସେ ଦିନ ଥିଲା ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ। ତାଙ୍କର ଧରାବତରଣ ଦିବସକୁ ନୃସିଂହ ଜୟନ୍ତୀ ରୂପରେ ପାଳନ କରାଯାଇଥାଏ। ହିନ୍ଦୁ ଧର୍ମରେ ଏହି ଜୟନ୍ତୀର ବିଶେଷ ମହତ୍ତ୍ୱ ରହିଛି। ଏହି ଦିନ ଭଗବାନ ବିଷ୍ଣୁ ଅଧର୍ମର ବିନାଶ ନିମନ୍ତେ ଏବଂ ଧର୍ମ ରକ୍ଷା ନିମନ୍ତେ ଅବତାର ଧାରଣ କରିଥିଲେ। ଭଗବାନ ନୃସିଂହଙ୍କୁ ଶକ୍ତି ତଥା ପରାକ୍ରମର ଦେବତା ଭାବେ ପୂଜା କରାଯାଇଥାଏ। ନୃସିଂହ ଅବତାର ଭଗବାନ ବିଷ୍ଣୁଙ୍କ ପ୍ରମୁଖ ଅବତାର ମଧ୍ୟରୁ ଗୋଟିଏ। ସେ ପୃଥିବୀକୁ ହିରଣ୍ୟକଶିପୁର ଅତ୍ୟାଚାରରୁ ମୁକ୍ତ କରିବା ଲାଗି ଏହି ରୂପ ଧାରଣ କରିଥିଲେ। ପ୍ରାଚୀନ କାଳରେ ମହର୍ଷି କଶ୍ୟପ ଏବଂ ତାଙ୍କ ପତ୍ନୀ ଦିତିଙ୍କର ଦୁଇ ପୁତ୍ର ଜାତ ହୋଇଥିଲେ। ଜଣକ ନାମ ଥିଲା ହିରଣାକ୍ଷ ଏବଂ ଅନ୍ୟଜଣକ ନାମ ଥିଲୋ ହିରଣ୍ୟକଶିପୁ। ଭଗବାନ ବିଷ୍ଣୁ ପୃଥିବୀର ରକ୍ଷା କରିବା ନିମନ୍ତେ ବରାହ ରୂପ ଧାରଣ କରି ହିରଣାକ୍ଷକୁ ମାରିଥିଲେ। ନିଜ ଭାଇ ମୃତ୍ୟୁ ଦ୍ୱାରା ଦୁଃଖ ଏବଂ କ୍ରୋଧିତ ହିରଣ୍ୟକଶିପୁ ପ୍ରତିଶୋଧ ନେବା ଲାଗି ଅମର ହେବା ଲାଗି ସଂକଳ୍ପ ନେଲା। ସେ କଠୋର ତପସ୍ୟା କରି ବ୍ରହ୍ମାଙ୍କ ଠାରୁ ଅମର ହେବାର ବରଦାନ ମାଗିଲା। ବ୍ରହ୍ମା କିନ୍ତୁ ତାକୁ ସମ୍ପୂର୍ଣ୍ଣ ଭାବେ ଅମର ବର ଦେଇପାରିବେ ନାହିଁ ବୋଲି କହିଲେ। ଶେଷରେ ସେ ଅପରାଜେୟ ହେବା ଲାଗି ବରଦାନ ମାଗିଲା। ବରଦାନ ହାସଲ କରିସାରିବା ପରେ ସେ ସ୍ୱର୍ଗ ଅଧିକାରୁ କରିନେଲା। ସମସ୍ତ ଲୋକରେ ନିଜର ଆଧିପତ୍ୟ ପ୍ରତିଷ୍ଠା କଲା। ଦେବତାମାନେ ତା କବଳରୁ ବର୍ତ୍ତିବା ଲାଗି ଉପାୟ ପାଇଲେ ନାହିଁ। ହିରଣ୍ୟକଶିପୁ ପ୍ରଜାଙ୍କ ଉପରେ ମଧ ଅତ୍ୟାଚାର କରିବାକୁ ଲାଗିଲା। ହିରଣ୍ୟକଶିପୁ ଯେତେବେଳେ ନିଜ ପୁତ୍ର ପ୍ରହ୍ଲାଦଙ୍କ ଉପରେ ଅତ୍ୟାଚାର କଲା, ସେତେବେଳେ ଭଗବାନ ବିଷ୍ଣୁ ସ୍ତମ୍ଭ ମଧ୍ୟରୁ ନୃସିଂହ ରୂପରେ ପ୍ରକଟ ହେଲେ ଏବଂ ହିରଣ୍ୟକଶିପୁର ବଧ କରିଥିଲେ। ପ୍ରହ୍ଲାଦଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ଭଗବାନ ନୃସିଂହ ତାଙ୍କୁ ବରଦାନ ଦେଇଥିଲେ। ଯେଉଁ ବ୍ୟକ୍ତି ଆଜି ଦିନରେ ମୋର ବ୍ରତ ପାଳନ କରିବ ସେ ସମସ୍ତ ପ୍ରକାରର କଷ୍ଟରୁ ମୁକ୍ତି ପାଇଁ ସୁଖ ଭୋଗ କରିବ ଏବଂ ଶେଷରେ ପାପ ମୁକ୍ତ ହୋଇ ପରମଧାମକୁ ଯିବ। ସେବେଠାରୁ ଶ୍ରୀହରିଙ୍କ କୃପା ପାଇବା ନିମନ୍ତେ ନୃସିଂହ ଜୟନ୍ତୀ ଉତ୍ସବ ପାଳନ କରାଯାଇଆସୁଛି। ଧର୍ମ ମାର୍ଗରେ ଚାଲିବା ସମୟରେ ହୁଏତ ଅନେକ ବାଧା ଆସିପାରେ। ଏହା ସତ୍ତ୍ୱେ କେବେହେଲେ ଧର୍ମ ମାର୍ଗ ଛାଡ଼ିବା ଉଚିତ ନୁହେଁ। ଧର୍ମ ମାର୍ଗରେ ଚାଲୁଥିବା ପ୍ରହ୍ଲାଦଙ୍କ ରକ୍ଷା କରିବା ନିମନ୍ତେ ସ୍ୱୟଂ ଭଗବାନ ଉଗ୍ରରୂପରେ ପ୍ରକଟ ହୋଇଥିଲେ। ତେଣୁ ଧର୍ମ ଯେଉଁଠି ବିରାଜମାନ ଥାଏ, ସ୍ୱୟଂ ଭଗବାନ ସେଠାରେ ଥାଆନ୍ତି। ଭଗବାନ ହିଁ ଆମକୁ ଧର୍ମ ମାର୍ଗରେ ଚାଲିବା ଲାଗି ଆତ୍ମ ବିଶ୍ୱାସ ପ୍ରଦାନ କରିଥାନ୍ତି। ନୃସିଂହ ଜୟନ୍ତୀରେ ଶ୍ରଦ୍ଧାପୂର୍ବକ ବ୍ରତ କରିବାର ମହତ୍ତ୍ୱ ରହିଛି। ଏହି ଦିନ ଭଗବାନ ନୃସିଂହଙ୍କ ପୂଜାର୍ଚ୍ଚନା କରାଯାଇଥାଏ। ଭଗବାନ ନୃସିଂହ ଏବଂ ଦେବୀ ଲକ୍ଷ୍ମୀଙ୍କ ମୂର୍ତ୍ତି ସ୍ଥାପନ କରିବା ପରେ ଷୋଡ଼ଶ ଉପଚାର ପୂଜା କରିବାର ବିଧି ରହିଛି। ଭଗବାନ ନୃସିଂହଙ୍କୁ ପ୍ରସନ୍ନ କରିବା ନିମନ୍ତେ ଗାୟତ୍ରୀ ମନ୍ତ୍ର ଜପ କରାଯାଇଥାଏ। ଏହି ଦିନ ନିଜ କ୍ଷମତା ଅନୁଯାୟୀ ରାଶି, ସ୍ୱର୍ଣ୍ଣ ତଥା ବସ୍ତ୍ର ଆଦି ଦାନ ଦିଆଯାଇଥାଏ। ହିରଣ୍ୟକଶିପୁ ନିଜ ପୁତ୍ର ପ୍ରହ୍ଲାଦକୁ ଶିକ୍ଷା ଗ୍ରହଣ ନିମନ୍ତେ ଗୁରୁକୁଳକୁ ପଠାଇଥିଲେ। ପ୍ରହ୍ଲାଦ ଶିକ୍ଷା ଗ୍ରହଣ କରୁଥିବା ସମୟରେ ତାଙ୍କ ମନରେ ହରି ଭକ୍ତି ଜାଗ୍ରତ ହୋଇଥିଲା। ଶିକ୍ଷା ପ୍ରାପ୍ତ କରିବା ପରେ ସେ ଘରକୁ ଫେରିଥିଲେ। ହିରଣ୍ୟକଶିପୁ ପଚାରିଲା, ଏତେଦିନ ଗୁରୁକୁଳରେ ରହିବା ପରେ ତୁମେ କ'ଣ ଶିଖିଲ? ପ୍ରହ୍ଲାଦ କହିଲେ, ପିତାଶ୍ରୀ ମୋର ଗୁରୁଦେବ ମୋତେ ଯାହା ଶିଖାଇଲେ ତାହା କହିବି ନା ମୁଁ ଯାହା ଶିଖିଲି କହିବି? ହିରଣ୍ୟକଶିପୁ କହିଲା, ପୁତ୍ର ତୁମେ ନିଜେ କ'ଣ ଶିଖିଛ ପ୍ରଥମେ କୁହ? ପ୍ରହ୍ଲାଦ କହିଲେ, ପିତାଶ୍ରୀ ଏ ଦୁନିଆରେ କୋଟି କୋଟି ଲୋକ ଜନ୍ମ ନେଇଥାନ୍ତି ଏବଂ ମୃତ୍ୟୁବରଣ କରିଥାନ୍ତି। ସମସ୍ତ ନିଜ ନିଜ କର୍ମ ଅନୁଯାୟୀ ଫଳ ପ୍ରାପ୍ତି କରିଥାନ୍ତି। ଭଲ କାମ ପାଇଁ ସ୍ୱର୍ଗ, ଖରାପ କାମ ପାଇଁ ନର୍କ ମିଳିଥାଏ। ଭଲ ଖରାପ କର୍ମର ଫଳ ମିଳିସାରିଲେ ପୁଣିଥରେ ପୃଥିବୀରେ ଜନ୍ମ ନେବାକୁ ହୋଇଥାଏ। ପ୍ରତ୍ୟେକ ପ୍ରାଣୀ ୮୪ ଲକ୍ଷ ଜନ୍ମରେ ବୁଲି ବୁଲି ନିଜ କର୍ମ ଫଳ ଭୋଗିଥାଏ। ସଂସାରରେ କେହି କାହାର ଆପଣାର ନୁହନ୍ତି। ମାତାପିତା, ଭାଇବନ୍ଧୁ, ପତ୍ନୀପୁତ୍ର ଏସବୁ କେବଳ ଭ୍ରମ। କେବଳ ନାରାୟଣ ହିଁ ଆପଣାର। କେହି କହିଥାଏ ମୁଁ ସୁଖରେ ଅଛି ତ ଆଉ କେହି କହିଥାଏ ମୁଁ ଦୁଃଖରେ ଅଛି। ବାସ୍ତବରେ ଶ୍ରୀହରିଙ୍କ ନାମ ଜପିବା ଦ୍ୱାରା ହିଁ ସୁଖ ପ୍ରାପ୍ତି ହୋଇଥାଏ। ଶ୍ରୀହରିଙ୍କ ନାମ ଜପିବା ଦ୍ୱାରା ଜୀବର କଲ୍ୟାଣ ହୋଇଥାଏ।

**ଉତ୍କଳାନନ୍ଦ ଅଜୟ କୁମାର ବେହେରା,** ପିସି ସରକାର ଲେନ୍, ଅରୁଣୋଦୟ ନଗର, କଟକ, ଦୂରଭାଷ: ୯୪୩୭୧୦୩୧୨୫୩

# ଶ୍ରୀବିଷ୍ଣୁଙ୍କ ନୃସିଂହ ଏବଂ ଶିବଙ୍କ ଶରଭ ଅବତାର



ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ନୃସିଂହ ଚତୁର୍ଦ୍ଦଶୀ ବା ନୃସିଂହ ଜୟନ୍ତୀ ନାମରେ ପ୍ରସିଦ୍ଧ। ପ୍ରଭୁ ନୃସିଂହ ଶ୍ରୀବିଷ୍ଣୁଙ୍କ ଚତୁର୍ଥ ଅବତାର ଭାବେ ସର୍ବତ୍ର ପୂଜିତ। ପୁରାଣ ଅନୁସାରେ, ହିରଣ୍ୟକଶିପୁର ନିଧନ ପାଇଁ ଶ୍ରୀବିଷ୍ଣୁ ନୃସିଂହ ଅବତାର ନେଇଥିଲେ। ମାନବ ଓ ସିଂହର ମିଶ୍ରଣକୁ ନୃସିଂହ କୁହାଯାଏ। ତେଣୁ ଏହି ଦିନ ଶ୍ରୀବିଷ୍ଣୁ ନୃସିଂହ ଅବତାରରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ଏକାଦଶୀ ବ୍ରତ ଉପବାସ ବିଧି ଭଳି ନୃସିଂହ ଜୟନ୍ତୀ ପାଳନ କରାଯାଏ। ନୃସିଂହ ଜୟନ୍ତୀର ଦିନକ ପୂର୍ବରୁ ବ୍ରତଧାରୀମାନେ ଦିନରେ ଥରେ ମାତ୍ର ଭୋଜନ କରନ୍ତି। ସମସ୍ତ ପ୍ରକାର ଶସ୍ୟ ସେବନକୁ ଏହି ବ୍ରତରେ ବାରଣ କରାଯାଇଛି। ନୃସିଂହ ଜୟନ୍ତୀରେ ଭକ୍ତମାନେ ମଧ୍ୟାହ୍ନରେ ସଂକଳ୍ପ କରନ୍ତି ଏବଂ ସୂର୍ଯ୍ୟାସ୍ତ ପୂର୍ବରୁ ବିଧିବିଧାନ ଅନୁସାରେ ଶ୍ରୀନୃସିଂହଙ୍କ ଠାରେ ପୂଜାର୍ଚ୍ଚନା କରନ୍ତି। ବିଶ୍ୱାସ ରହିଛି, ପ୍ରଭୁ ଶ୍ରୀନୃସିଂହ ସୂର୍ଯ୍ୟାସ୍ତ ସମୟରେ ଦର୍ଶନ ଦେଇଥିଲେ। ରାତିରେ ଉଜାଗର ରହି ସକାଳ ପର୍ଯ୍ୟନ୍ତ ପୂଜା କରିବାର ବିଧି ରହିଛି। ଜୟନ୍ତୀ ପରଦିନ ଅର୍ଥାତ୍ ଚତୁର୍ଦ୍ଦଶୀ ତିଥି ସମାପ୍ତ ହେବା ପରେ ବିସର୍ଜନ ପୂଜା ପରେ ଉପବାସ ଭଙ୍ଗ କରିବା ସହିତ ବ୍ରାହ୍ମଣଙ୍କୁ ଦାନ ଦିଆଯାଏ। ଭଗବାନ ବିଷ୍ଣୁଙ୍କ ନୃସିଂହ ଅବତାର ଘଟଣାବଳୀ ସହିତ ଭଗବାନ ଶିବଙ୍କ ଶରଭ ଅବତାର ନେବାର ସମ୍ପର୍କରେ ରହିଛି। ମହାଦେବଙ୍କ ଏହି ଅବତାର ସମ୍ବନ୍ଧରେ ଶିବ ପୁରାଣରେ ଉଲ୍ଲେଖ ରହିଛି। ନୃସିଂହ ଭଗବାନଙ୍କ ଉଗ୍ର ସ୍ୱରୂପ ଶାନ୍ତ କରିବା ଲାଗି ମହାଦେବ ଶରଭ ଭଳି ଏକ ଅଦ୍ଭୁତ ରୂପ ଧାରଣ କରିଥିଲେ। ଭଗବାନ ଶଙ୍କର ଏହି ସ୍ୱରୂପରେ ସେ ଅଧା ମୃଗ (ହରିଣ) ଏବଂ ବାକି ଅଧା ଶରୀର ପକ୍ଷୀ ଆକୃତି ଧାରଣ କରିଥିଲେ। ପୁରାଣରେ ଏହି ୮ ପାଦଧାରୀ ଜନ୍ତୁଙ୍କୁ ସିଂହ ଠାରୁ ମଧ ଅନେକ ଗୁଣରେ ବଳୀୟାନ ବୋଲି ଦର୍ଶାଯାଇଛି। ହିରଣ୍ୟକଶ୍ୟପୁର ବଧ ପାଇଁ ନୃସିଂହ ଅବତାର ଧାରଣ କରିଥିବା ଭଗବାନ ବିଷ୍ଣୁଙ୍କ କ୍ରୋଧ ଶାନ୍ତ କରିବା ଲାଗି ମହାଦେବ ଶରଭ ଅବତାର ଧାରଣ କରିଥିଲେ। ଖମ୍ବ ମଧ୍ୟରୁ ନୃସିଂହ ଅବତାରରେ ବାହାରି ଭଗବାନ ବିଷ୍ଣୁ ହିରଣ୍ୟକଶ୍ୟପୁକୁ ବଧ କରିଥିଲେ। ହିରଣ୍ୟକଶ୍ୟପୁ ମୃତ୍ୟୁବରଣ କରିବା ପରେ ମଧ ଭୟଙ୍କର ଅବତାର ଧାରଣ କରିଥିବା ଭଗବାନ ନୃସିଂହଙ୍କ କ୍ରୋଧ ଶାନ୍ତ ହୋଇନଥିଲା। ନୃସିଂହଙ୍କ କ୍ରୋଧ ଶାନ୍ତ କରିବା ଲାଗି ସମସ୍ତ ଦେବଗଣ ମହାଦେବଙ୍କ ନିକଟରେ ପହଞ୍ଚି ଗୁହାରି କଲେ। ଦେବତାମାନଙ୍କ ଅନୁରୋଧକ୍ରମେ ଭଗବାନ ଶିବ ଶରଭାବତାର ଧାରଣ କରି ଭଗବାନ ନୃସିଂହଙ୍କ ସମ୍ମୁଖରେ ପହଞ୍ଚି ତାଙ୍କର ସ୍ତୁତି କଲେ। ମାତ୍ର ନୃସିଂହଙ୍କ କ୍ରୋଧ ଶାନ୍ତ ହେଲା ନାହିଁ। ଏହାଦେଖି ଶରଭରୂପ ମହାଦେବ ନିଜ ଲାଞ୍ଜରେ ଭଗବାନ ନୃସିଂହଙ୍କୁ ଗୁଡ଼ାଇ ଉଡବାକୁ ଲାଗିଲେ। ଏହାପରେ ଭଗବାନ ନୃସିଂହଙ୍କ କ୍ରୋଧ ଶାନ୍ତ ହେଲା। ଏହାପରେ ଭଗବାନ ବିଷ୍ଣୁ ଶରଭଙ୍କ ସ୍ତୁତି କରିଥିଲେ।



**ତ୍ରିନାଥ ଓଝା,** ଭାଗବତ ଗାଦି ବଡ଼ଦାଣ୍ଡ, ଧବଳେଶ୍ୱର ଗଡ଼ା, କଟକ, ଦୂରଭାଷ: ୯୨୩୮୬୦୨୮୨୫




# ଜୈବିକ କୃଷିସାରର ସମନ୍ୱିତ ପରିଚାଳନା

ଭାରତବର୍ଷ ସାରା ବିଶ୍ୱର କୃଷି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରିଛି, ମାତ୍ର ଏବର କୃଷିକ୍ଷେତ୍ରରେ ରାସାୟନିକ ସାରର ପ୍ରୟୋଗ ବହୁମାତ୍ରାରେ ବୃଦ୍ଧି ପାଇଅଛି। ଏହାହିଁ ଏକମାତ୍ର ବିକଳ୍ପ ରୂପେ ପରିଗଣିତ ହୋଇ ପାରିଛି । କିନ୍ତୁ ଜୈବିକ କୃଷି ସାରର ସମନ୍ୱିତ ପରିଚାଳନା କୃଷି କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଅଟେ ।

**ଜୈବିକ କୃଷିସାର କ'ଣ ?**

ଜୈବିକ କୃଷିସାର ଉପଯୋଗୀ କ୍ଷୁଦ୍ର ଅଣୁଜୀବମାନଙ୍କର ସଙ୍ଗଠିତ ସମାହାର ଯାହାର ପ୍ରୟୋଗ କୃଷି ଉତ୍ପାଦନରେ ବୃଦ୍ଧି ଆଣିବା ସହ ଫସଲର ପୁଷ୍ଟିକରମାନ ବଢ଼ାଇ ଥାଏ। ରାସାୟନିକ ସାରର ବିକଳ୍ପ ଭାବେ ଜୈବିକ କୃଷି ସାର ପ୍ରମୁଖ ଭୂମିକା ଗ୍ରହଣ କରିଅଛି। ମୁଖ୍ୟତଃ- କୃଷିଜମି ମୃତ୍ତିକା ଏବଂ ମିରେ ଏହାର ପରିଚାଳନା ହୁଏ। ଯେପରି କି ନାଇଟ୍ରୋଜେନ୍ ଫିକ୍ସିଙ୍ଗ ଅଣୁଜୀବ ଫସଲକୁ ସଠିକ୍ ପରିମାଣରେ ପହଞ୍ଚାଇ ଥାଆନ୍ତି । ଫସଫରସ ଦ୍ରବଣୀୟ ଅଣୁଜୀବ ଅଦ୍ରବଣୀୟ ଫସଫେଟକୁ ଦ୍ରବଣୀୟ କରି ଫସଲ ପାଖରେ ପହଞ୍ଚାଇ ଥାଏ । ଏତଦ୍ ଭିନ୍ନ ଏହିସବୁ ଅଣୁଜୀବ କମ୍ପୋଷ୍ଟରେ ସେଲ୍ୟୁଲୋଜର ବିଘଟନ ପ୍ରକ୍ରିୟାରେ ସାହାଯ୍ୟ କରିବା ସହ ଧାନ ଜମିରେ ଖତ ଭାବରେ ବ୍ୟବହୃତ ହୁଏ ।

**ବିଭିନ୍ନ ପ୍ରକାର ଜୈବିକ କୃଷିସାର :**

୧) ରାଇଜବିଆ, ଅଜୋଟୋବ୍ୟାକ୍ଟର, ଫସଫରସ୍ ଦ୍ରବଣୀୟ ବ୍ୟାକ୍ଟେରିଆ ଯଥା- ବାସିଲସ୍, ସ୍ୟୁଡୋମନାସୀ ସମନ୍ୱିତ ପରିଚାଳନା।



ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ



୨) ବାୟୋମାସ୍ ଉତ୍ପାଦକ ଅଣୁଜୀବ ଯଥା- ଆଜୋଲା, ରାଇଜୋବିୟମ୍ ଓ ଆଜୋଟୋବ୍ୟାକ୍ଟର।

ଡାଲି ଜାତୀୟ ଫସଲ :

ବର୍ତ୍ତମାନ ଭାରତର ବିଭିନ୍ନ ଅନୁକୋଣରେ ଜୈବିକ ସାର ପ୍ରୟୋଗର ଭୂମିକା ବଢ଼ିବାରେ ଲାଗିଛି । ଡାଲିଜାତୀୟ ଫସଲ କ୍ଷେତ୍ରରେ ରାଇଜୋବିୟମର ପ୍ରୟୋଗ ଉତ୍ପାଦନ କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଏହାଛଡ଼ା ଆଜୋଟୋବ୍ୟାକ୍ଟର ମଧ୍ୟ ଫସଲ ବୃଦ୍ଧିର ପ୍ରମୁଖ୍ୟ ରହସ୍ୟ ।

**ଶୈବାଳର ଉପଯୋଗିତା :**

ଶୈବାଳ ମୁଖ୍ୟଭାବେ ଧାନ ଫସଲ କ୍ଷେତ୍ରରେ ଉପଯୋଗ କରାଯାଏ। କାରଣ ଶୈବାଳ ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ପରିମାଣ ବଢ଼ାଇ ଥାଏ । ଯାହା ଦ୍ୱାରା ନାଇଟ୍ରୋଜେନ୍ ଜନିତ ରାସାୟନିକ ସାରର ବିକଳ୍ପ ଭାବେ ଆମେ ଏହାକୁ ପ୍ରୟୋଗ କରିବା। ଏହା କରିବା ଦ୍ୱାରା ଉତ୍ପାଦନ ୧୦ ରୁ ୧୫ ଶତକଡ଼ା ଅଧିକ ହୋଇଥାଏ। (ଯଦିଓ ରାସାୟନିକ ସାର ବ୍ୟବହାର ନକରିବା) ଏକ ସର୍ଭେରୁ ଜଣା ଯାଇଛି ଏହି ଶୈବାଳ ୧୫ ରୁ ୩୫ କି.ଗ୍ରା ନାଇଟ୍ରୋଜେନ୍ / ହେକ୍ଟର ଯୋଗାଇଥାଏ।

**ଫସ୍ଫରସ୍ ଦ୍ରବଣୀୟ ବ୍ୟାକ୍ଟେରିଆ:**

ବ୍ୟାକ୍ଟେରିଆ ଯଥା ବାସିଲସ୍ ଓ ବାସିଲସ୍ ଏବଂ କବକ ଯଥା ପେନସିଲିୟମ ଅଦ୍ରବଣୀୟ ଫସ୍ଫରସ୍କୁ ଦ୍ରବଣ କରି ଫସଲ ପାଖରେ ପହଞ୍ଚାଇବାର କ୍ଷମତା ଅଛି । ଯାହା ଦ୍ୱାରା ଫସଲକୁ ଫସଫରସର ଅଭାବ ପୂରଣ ହୋଇଯାଏ । ଏହା ବ୍ୟତୀତ କମ୍ପୋଷ୍ଟରେ ସେଲ୍ୟୁଲୋଜ୍ ବସ୍ତୁର ଦ୍ରୁତ ବିଘଟନ ପ୍ରକ୍ରିୟାରେ ମଧ୍ୟ ଏହା ସାହାଯ୍ୟ କରେ (୪-୧୬ ସପ୍ତାହ)।

ଡାଲି ଜାତୀୟ ଫସଲରେ ନିମ୍ନୋକ୍ତ ବ୍ୟାକ୍ଟେରିଆର ପ୍ରୟୋଗ :

ଦିଲ୍ଲୀ- ୧୩%, କାନପୁର- ୩୮%, ବନାରସ- ୯୯%

**ଆଜୋଲା :**

ଆଜୋଲା ଏହିଭଳି ଏକ ଜଳଜାତୀୟ ଫର୍ଣ୍ଣ। ଏହା ମୁଖ୍ୟତଃ ଧାନ ଫସଲରେ ବ୍ୟବହୃତ ହୁଏ। ଆଜୋଲ, ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ଆନବେନା ସହ ମିଶି ଏକ ପ୍ରମୁଖ ଜୈବିକ ସାରର ଭୂମିକା ନିଭାଇଥାଏ। ଆଜୋଲା ଧାନ ଚାରାର ଧାଡ଼ି ଧାଡ଼ିରେ ମଧ୍ୟ ବଢ଼ାଯାଇପାରେ ଏବଂ ଏହାପରେ ଏହାକୁ ନେଇ ପ୍ରୟୋଗ କରାଯାଏ। ବାୟୋମାସ୍ ଉତ୍ପାଦନ ପାଇଁ ଏହାକୁ ବ୍ୟବହାର କରାଯାଇଥାଏ । ଦ୍ରୁତ ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ଭାବେ ମଧ୍ୟ ଆଜୋଲା ପିନଟା ବ୍ୟବହୃତ ହୁଏ। ଏତଦ୍ଭିନ୍ନ ଆଜୋସ୍ପିରିଲମ୍ ମଧ୍ୟ ବ୍ୟବହାର କରାଯାଏ। ଏହି ସବୁ ବର୍ତ୍ତମାନ ସମୟରେ ଏକ ଯୁଗାନ୍ତକାରୀ ପଦକ୍ଷେପ । କୃଷି କ୍ଷେତ୍ରରେ ଏହାର ଉପଯୋଗ ଉତ୍ପାଦନରେ ଶତଗୁଣ ବୃଦ୍ଧି କରିବା ସହ ହାନିକାରକ ହୋଇ ନଥାଏ।





# ନଡ଼ିଆ ଗଛରେ କାଳିମୁଣ୍ଡି ପୋକ ନିୟନ୍ତ୍ରଣ

ନଡ଼ିଆ ଏକ ଅର୍ଥକାରୀ ଫସଲ ଏବଂ ନଡ଼ିଆ ଗଛ ରେ ଲାଗୁଥିବା କୀଟ ମାନଙ୍କ ମଧ୍ୟରୁ କାଳିମୁଣ୍ଡି ପୋକ ଗଛ ପାଇଁ ବିଶେଷ କ୍ଷତିକାରକ । ଏହା ଏକ ପ୍ରଜାପତି ଜାତୀୟ କୀଟ ଏବଂ ଏହାର ଲାର୍ଭା ଅବସ୍ଥା ଗଛ କୁ ପହଞ୍ଚାଇଥାଏ । ଏହି ଲାର୍ଭା ର ମୁଣ୍ଡ କଳା ରଙ୍ଗ ର ହେଇଥିବାରୁ ଏହାକୁ କାଳିମୁଣ୍ଡି ପୋକ କୁହାଯାଏ । ଲାର୍ଭା ଟି ଦେଖିବାକୁ ଗାଢ଼ ଧୂସର ରଙ୍ଗର ଏବଂ ଅଣ୍ଡା ରୁ ବାହାରି ଏମାନେ ସବୁଜ ପତ୍ର କୁ ଖାଇଥାନ୍ତି । ପତ୍ର କୁ ଖାଇବା ସହ ଏମାନେ ପତ୍ରରେ ସୁଡଙ୍ଗ ତିଆରି କରନ୍ତି, ସେଥିରେ ଖାଇ ମଳତ୍ୟାଗ କରନ୍ତି ଯାହା ଫଳ ରେ ପତ୍ର ର କେବଳ ମୁଖ୍ୟ ଶିରା ରହିଯାଏ କ୍ଷ ଦୂରରୁ ଦେଖିଲେ ନଡ଼ିଆ ବଗିଚ଼ା ପୋଡିଗଲା ପରି ଦେଖାଯାଏ ।



ପରିଚ଼ାଳନା:

- ଖରା ଦିନ ଆରମ୍ଭ ହେବ ପୂର୍ବରୁ ପୋକ ଦ୍ୱାରା କ୍ଷତ ପତ୍ର ଗୁଡିକୁ କାଟି ପୋଡିଦେବା ଉଚ଼ିତ।

କ୍ଷ ଗଛ ଟି ଛୋଟ ଅବସ୍ଥା ରେ ଥିଲାବେଳେ ୪ ଲିଟର ପାଣିରେ ଡାଇକ୍ଲୋରୋଭସ୍ ୧ ମିଲି ଲିଟର ମିଶାଇ ଅକ୍ରାନ୍ତିତ ଗଛର ପତ୍ରରେ ସିଞ୍ଚନ କରିବା ଦ୍ୱାରା ହେଉଥିବା କ୍ଷତି କମ କରାଯାଇପାରିବ ।

- ବ୍ରାକନ ବ୍ରେଭିକରନିଶ ନାମକ ଭଅଁର ଜାତୀୟ ଶତ୍ରୁ ପୋକକୁ ନଡିଆ ଫସଲରେ ୭ରୁ ୧୦ ଦିନ ବ୍ୟବଧାନରେ ୩ ରୁ ୪ ଥର ପ୍ରୟୋଗ କରାଯାଏ । ଏହି ଶତ୍ରୁ ପୋକଟି କାଳିମୁଣ୍ଡି ଲାର୍ଭା ଦେହ ଭିତରେ ଅଣ୍ଡା ଦିଏ । ଅଣ୍ଡାରୁ ଛୁଆ ବାହାରି ଏହାକୁ ପୋକକୁ ଖାଇ ଦିଅନ୍ତି । ଯାହା ଫଳରେ କାଳିମୁଣ୍ଡି ପୋକର ବଂଶ ଲୋପପାଏ ଏବଂ ନଡିଆ ଗଛ ଗୁଡିକ କାଳିମୁଣ୍ଡି ପୋକର ଆକ୍ରମଣରୁ ରକ୍ଷା ପାଏ।

ରୁଦ୍ର ପ୍ରତାପ ସୁବୁଦ୍ଧି
ସହାକରୀ ପ୍ରାଧ୍ୟାପକ,
ମିଟସ୍ , ରାୟଗଡ଼ା

# କୃଷି ପର୍ଯ୍ୟଟନ

କୃଷି ପର୍ଯ୍ୟଟନ କୃଷି ଭିତିକ କର୍ଯ୍ୟକଳାପ ସହ ଜଡିତ ଯାହା ପରିଦର୍ଶକ ମାନଙ୍କୁ ଆକୃଷ୍ଟ କରିବା ସହିତ ଚ଼ାଷ ଜମି ର ସୌନ୍ଦର୍ଯ୍ୟ ଏବଂ ଚ଼ାଷୀ ବିଷୟରେ ଜାଣିବାର ସୁଯୋଗ ସୃଷ୍ଟି କରିଥାଏ । ଲୋକମାନେ ବର୍ତମାନ ଖାଦ୍ୟ କିପରି ଉତ୍ପାଦିତ ହୁଏ , କିପରି ପ୍ରକ୍ରିୟାକରଣ ହୁଏ ଏବଂ କିପରି ବିଭିନ୍ନ ବଜାର ରେ ପହଞ୍ଚ ? , ସେ ବିଷୟରେ ଜାଣିବା ପାଇ ଇଚ଼୍ଛା ପ୍ରକାଶ କରୁଛନ୍ତି । ଆମ ଓଡିଶା ସାରା ଭାରତରେ ଉଭୟ



ଘରୋଇ ଏବଂ ବିଦେଶୀ ନାଗରିକ ଙ୍କ ପାଇଁ ଏକ ଲୋକପ୍ରିୟ କୃଷି ପର୍ଯ୍ୟଟନ ର ଗନ୍ତବ୍ୟସ୍ଥଳ।

କୃଷି ପର୍ଯ୍ୟଟନ ମାଧ୍ୟମରେ ଓଡିଶା ରେ କୃଷକ ମାନଙ୍କ ଜୀବନଶୈଳୀ, ଆମର ସଂସ୍କୃତି ଏବଂ ପାରମ୍ପାରିକ ପ୍ରଥମିକତା ବିଷୟରେ ପର୍ଯ୍ୟଟକ ମାନେ ଅବଗତ ହୋଇପାରିବେ ଏହା ଛଡା ସ୍ଥାନୀୟ କୃଷି ଜାତୀୟ ଦ୍ରବ୍ୟ ଏବଂ ବିଭିନ୍ନ କୃଷି ପ୍ରକ୍ରିୟା ସହ ସିଧାସଳଖ ଯୋଡି ହୋଇପାରିବେ । ଦେଶ ର ସବୁଠାରୁ ଅଧିକ ଧାନ ଉତ୍ପାଦନ କରୁଥିବା ରାଜ୍ୟ ମଧ୍ୟରୁ ଓଡିଶା ଅନ୍ୟତମ । ଓଡିଶା ର ଧାନ ଉତ୍ପାଦନ ଦେଶ ର ମୋଟ ଚ଼ାଉଳ ଉତ୍ପାଦନ ର ଏକ ଦଶମାଂଶ ଅଟେ । ଆମ ରାଜ୍ୟ ରେ ଚ଼ାଷୀ ଙ୍କ ଦ୍ୱାରା ଚ଼ାଷ କରାଯାଉଥିବା ମୁଖ୍ୟ ଫସଲ ଗୁଡିକ ହେଉଛି ଧାନ, ଝୋଟ, ବିଭିନ୍ନ ତୈଳଜାତୀୟ ଫସଲ, ଡାଲି ଜାତୀୟ, ମକା, ଆଖୁ, ଚ଼ା, କପା, ରବର, ମାଣ୍ଡିଆ, ରାଗି, ଆଳୁ, ବିଭିନ୍ନ ଫଳ ଏବଂ ପଣି ପନିପରିବା ଇତ୍ୟାଦି। ଓଡିଶା ରେ ବିଭିନ୍ନ ଋତୁ ରେ ବିଭିନ୍ନ ଫସଲ ଚ଼ାଷ କରାଯାଇଥାଏ। ଏହା ସହିତ ଉପକୂଳବର୍ତ୍ତୀ ଜିଲ୍ଲା ମାନଙ୍କ ରେ ବିଭିନ୍ନ ପ୍ରଜାତି ର ମାଛ ,ଚିଙ୍ଗୁଡି ଏବଂ କଙ୍କଡା ଚ଼ାଷ କରାଯାଇଥାଏ। ପଶୁପାଳନ ଏବଂ କ୍ଷୀର ଉତ୍ପାଦନ ରେ ମଧ୍ୟ ଓଡିଶା ବହୁତ ଆଗରେ।



ଅନିଲ କୁମାର ମିଶ୍ର

କୃଷି ପର୍ଯ୍ୟଟନ ମାଧ୍ୟମରେ ପରିଦର୍ଶକ ମାନେ ଶସ୍ୟ ପର୍ଯ୍ୟଟନ , ପନିପରିବା ପର୍ଯ୍ୟଟନ , ଫଳ ପର୍ଯ୍ୟଟନ , ପଶୁପାଳନ ପର୍ଯ୍ୟଟନ ଏବଂ ମଛାଚ଼ାଷ ପର୍ଯ୍ୟଟନ ସ୍ଥଳ ବୁଲି ଦେଖି ପାରିବେ । କୃଷି ପର୍ଯ୍ୟଟନ କୃଷି , କୃଷକ , ଜନସାଧାରଣ ଏବଂ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ଲାଭବାନ ସୂତ୍ର।

❖ ଚ଼ାଷୀ ମାନେ ପ୍ରତ୍ୟକ୍ଷ ଭାବେ ନିଜ ଉତ୍ପାଦନ ର ବିପଣନ କରିପାରିବେ। କୃଷି ପର୍ଯ୍ୟଟନ ଚ଼ାଷୀ ଙ୍କୁ ମୂଲ୍ୟ ନିର୍ବାହକାରୀ ପରିବର୍ତ୍ତ ? ମୂଲ୍ୟ ନିର୍ମାତା ଭାବରେ ରୂପାନ୍ତର କରିପାରିବ।

❖ କୃଷି ପର୍ଯ୍ୟଟନ କୃଷକ ପାଇଁ ଆୟର ଏକ ଅତିରିକ୍ତ ସହାୟକ ସ୍ରୋତ ହୋଇପାରିବ ଏବଂ ସେଇ ପୂର୍ବ ଜମି ଆଧାର ରେ ଚ଼ାଷୀ ଅଧିକ ଲାଭବାନ ହୋଇପାରିବ।

❖ କୃଷି ପର୍ଯ୍ୟଟନ ସ୍ଥଳ ପାଇଁ ଆକର୍ଷିତ ହୋଇଥିବା ପରିଦର୍ଶକ ମାନେ ପୁରୁଣା କୃଷି ଦ୍ରବ୍ୟ କିଣିବା ପାଇଁ ମଧ୍ୟ ଆଗ୍ରହ ପ୍ରକାଶ କରିବେ।

❖ ଫସଲ ଉତ୍ପାଦନ ସମୟ ଛଡା ମଧ୍ୟ ଟିକିଏ ଚ଼ତୁରତା ସହିତ ଚ଼ାଷୀ ବର୍ଷ ତମାମ ଅର୍ଥ ଉପାର୍ଜନ କରିପାରିବ।

❖ ମୁଖ୍ୟତ କୃଷି ପର୍ଯ୍ୟଟନ ଦ୍ୱାରା କୃଷକ ଏବଂ ଗ୍ରାହକ ଙ୍କ ସହଭାଗୀତା କୁ ବୃଦ୍ଧି କରିବାରେ ସଫଳ ହୋଇପାରିବ।

❖ ଏହା ମଧ୍ୟ ବିଦ୍ୟାଳୟ ରେ ପଢୁଥିବା ପିଲାମାନଙ୍କ ପାଇଁ ଏବଂ କୃଷି ଆଗ୍ରହୀ ଲୋକ ଙ୍କ ପାଇଁ ପ୍ରଶିକ୍ଷଣ ର ସୁଯୋଗ ସୃଷ୍ଟି କରିବା ସହିତ ପରିବାର ଅନୁକୂଳ ଗନ୍ତବ୍ୟସ୍ଥଳ ଖୋଜୁଥିବା ଲୋକ ମାନଙ୍କ ପାଇଁ ଏକ ମନୋରଞ୍ଜନ ର ମାଧ୍ୟମ ହୋଇପାରିବ, ଯେଉଁଠି ସେମାନେ ବ୍ୟସ୍ତ ବହୁଳ ଜୀବନ ରୁ ବାହାରି ଆସି ପ୍ରକୃତି, ଉଦ୍ଭିଦ, ଏବଂ ଘୋରୋଇ ପଶୁ ପକ୍ଷୀ ଙ୍କ ଗହଣ ରେ ସମୟ ଅତିବାହିତ କରିପାରିବେ ।

❖ କୃଷି ପର୍ଯ୍ୟଟନ କୃଷକ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ଉତ୍ତମ ସମ୍ପର୍କ ସୃଷ୍ଟି କରିବା ସହିତ ଛୋଟ ସମ୍ପ୍ରଦାୟର ଉନ୍ନତି ରେ ମଧ୍ୟ ଅଂଶଧର ହେବ ।

❖ ପର୍ଯ୍ୟଟନ ଦ୍ୱାରା ସ୍ଥାନୀୟ ଉତ୍ପାଦନ ଏବଂ ସେବା ଗୁଡିକର ବିକ୍ରୟ ରେ ବୃଦ୍ଧି ହେବ ସହ ସ୍ଥାନୀୟ ଅଞ୍ଚଳ ରେ ନିଯୁକ୍ତି ମଧ୍ୟ ସୃଷ୍ଟି କରିବ।

❖ ପଡୋଶୀ କ୍ଷୁଦ୍ର ଚ଼ାଷୀ ଙ୍କ ପାଇଁ ଏହା ଏକ ମାର୍କେଟିଂ ଭେନ୍ୟୁ ରୂପରେ ମଧ୍ୟ ବ୍ୟବହାର କରାଯାଇ ପାରିବ ।

କୃଷି ପର୍ଯ୍ୟଟନ କୃଷି , କୃଷକ , ଜନସାଧାରଣ ଏବଂ ସ୍ଥାନୀୟ ସମ୍ପ୍ରଦାୟ ଙ୍କ ମଧ୍ୟରେ ଏକ ସମନ୍ୱୟ ସମ୍ପର୍କ ବଢାଇବାରେ ସକ୍ଷମ ହେବା ସହ କୃଷକ ଙ୍କୁ ଅଧିକ ଲାଭଦାୟକ କରିପାରିବ। ସରକାର ମଧ୍ୟ କୃଷି ପର୍ଯ୍ୟଟନ କୁ ଗୁରୁତ୍ୱ ଦେବା ସହ ଚ଼ାଷୀ ମାନଙ୍କୁ ଏହି ସୁଯୋଗ ବିଷୟରେ ଅବଗତ କରାଇଲେ କୃଷି ଏବଂ କୃଷକ ର ଉନ୍ନତି ହୋଇପାରିବ।

*କୃଷି ବିଶେଷଜ୍ଞ,ଭୁବନେଶ୍ୱର*

# କ୍ଷାରଜଳ ଜାଲଘର ମାଛ

**ଅର୍ଦ୍ଧେନ୍ଦୁ ଶେଖର ମହାନ୍ତି**

ବର୍ତ୍ତମାନ ଭାରତରେ ସାମୁଦ୍ରିକ ମତ୍ସ୍ୟକୃଷି ନୀଳ ବିପ୍ଳବର ଏକ ନୂତନ ପଦକ୍ଷେପ । ଏହା ଲକ୍ଷ୍ୟ କରାଯାଇଛି ଯେ ବିଗତ ଦଶଦଶନ୍ଧି ମଧ୍ୟରେ ଲୋକମାନଙ୍କର ସ୍ୱାସ୍ଥ୍ୟକର ପୋଷଣ ଏବଂ ବୈଦେଶିକ ମୁଦ୍ରା ପାଇଁ ମାଛ ପ୍ରତି ଆଦର ଯୋଗୁଁ ସାମୁଦ୍ରିକନ୍ ମାଛର ଘରୋଇ ଚାହିଦା ଅହେତୁକ ଭାବେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଯାହା ଫଳରେ ସାମୁଦ୍ରିକ ମାଛର ଜୋର ମୂଲ୍ୟ ମଧ୍ୟ ବିଶେଷ ଭାବରେ ବୃଦ୍ଧି ପାଉଛି । କିନ୍ତୁ ସ୍ଥଳ ଭାଗର ଭୂମିଖନନ ଏବଂ ବହୁଳ ବ୍ୟବହାରର ସମସ୍ୟା, ତତସହିତ ପାରିପାର୍ଶ୍ୱିକ ପରିବେଶ ପ୍ରଦୂଷଣର ସମସ୍ୟା ଯୋଗୁଁ ଉପକୂଳବର୍ତ୍ତୀ ସାମୁଦ୍ରିକ ମତ୍ସ୍ୟକୃଷିର ସମ୍ପ୍ରସାରଣ ଓ ଉନ୍ନୟନ ବର୍ତ୍ତମାନ ଏକ କାଠିକର ବ୍ୟାପାର ହୋଇ ପଡ଼ିଛି । ଏଣୁ ଏ ସବୁର ସମାଧାନ ନିମନ୍ତେ ଲୋକମାନଙ୍କ ମନରେ 'ସମୁଦ୍ରାଭିମୁଖୀ' ବା 'ସମୁଦ୍ର ମୁହାଁ' ନାମକ ଏକ ଚିନ୍ତାଧାରା ଜାଗ୍ରତ ହେବା ସଙ୍ଗେ ସଙ୍ଗେ ଏହା କ୍ଷୀପ୍ର ଗତିରେ ଅଗ୍ରସର ହେଉଛି, ବିଶେଷ କରି ସାମୁଦ୍ରିକ ମତ୍ସ୍ୟପାଳନ ନିମେନ୍ତ।



କ୍ଷାରଜଳ ଜାଲଘର ମାଛଚାଷର **ଉପକାରିତା :**

୧) ପ୍ରାୟତଃ ସର୍ବାଧିକ ପ୍ରକାର ଜଳଉତ୍ସର ସମ୍ପୂର୍ଣ୍ଣ ବିନିଯୋଗ ଯେପରିକି ମୁକ୍ତ ସମୁଦ୍ର, ମୁହାଣ, ବୃହତଜଳାଶୟ, ନଦୀ, ହ୍ରଦ ଏବଂ କ୍ଷାରଜଳ ଉତ୍ସ ଇତ୍ୟାଦି।

୨) ଗରିବ ଏବଂ ଜମିହୀନ କୃଷକ ପାଇଁ ଏହା ଏକ ଉତ୍କୃଷ୍ଟ ମାଧ୍ୟମ, କାରଣ ଏଥିପାଇଁ ଜମି କିମ୍ବା ଉତ୍ସର ଅଧିକାର ଆବଶ୍ୟକତା ନାହିଁ।

୩) ଅନ୍ୟ ମତ୍ସ୍ୟକୃଷି ଅପେକ୍ଷା ଜାଲଘର ମାଛଚାଷରେ ମାଛ ମାନଙ୍କର ବୃଦ୍ଧି ଅପେକ୍ଷାକୃତ ଅଧିକ ହୋଇଥାଏ ।

୪) ପୋଖରୀ, ଗାଡ଼ିଆ ପରି ମାନଦ୍ଧ ଜଳାଶୟ ଅପେକ୍ଷା ଜାଲଘର ମାଛ ଚାଷରେ ୧୦-୧୨ ଗୁଣା ଅଧିକ ଉତ୍ପାଦନ ହୋଇଥାଏ ।

୫) ସମସ୍ତ ପରିଚାଳନା ଅତି ସହଜ ହୋଇଥାଏ । ଯଥା- ଖାଦ୍ୟଦେବା, ଯତ୍ନ ନେବା ଏବଂ ତଦାରଖ କରିବା ଇତ୍ୟାଦି।

୬) ବର୍ଷରେ ସର୍ବାଧିକ ଥର ଉତ୍ପାଦନ କରିହେବା ଭଳି ଏକ ସୀମିତ ସମୟ ମାଛଚାଷ ।

୭) ବନ୍ୟା ଜନିତ କ୍ଷତିର ସର୍ବନାଶ ଭୟ ।

୮) କୌଣସି ପ୍ରକାର ଜଳସ୍ତର ହ୍ରାସର ପ୍ରଶ୍ନ ନାହିଁ।



୯) କୌଣସି ପ୍ରକାର ଭୂମି ଖନନ କିମ୍ବା ମାଟି ସମ୍ବନ୍ଧୀୟ ତଦାରଖର ଆବଶ୍ୟକତା ନାହିଁ।

୧୦) ଜଳ ପରିବର୍ତ୍ତନର ଆବଶ୍ୟକତା ନାହିଁ।

୧୧) ଯେହେତୁ ଅନ୍ୟ କୃଷିକାର୍ଯ୍ୟ ଠାରୁ ଏହାର ସ୍ଥାନ ଦୂର ଏବଂ ସମ୍ପୂର୍ଣ୍ଣ ଭିନ୍ନ । ତେଣୁ ରାସାୟନିକ ପଦାର୍ଥର ପ୍ରଭାବ ଏହା ଉପରେ ନାହିଁ କହିଲେ ଚଳେ ।


୧୨) ଉପଯୁକ୍ତ ବଜାର ସ୍ଥାନ ଦେଖି ଏହାକୁ ପରିଚାଳନା କରିବା ସଙ୍ଗେ ସଙ୍ଗେ ଆମଦାନୀ ଓ ରପ୍ତାନୀର ଅସୁବିଧାକୁ ମଧ୍ୟ ଏଡ଼ାଇ ଦିଆଯାଇ ପାରିବ ।

୧୩) ଏଥିରେ ସହଜ ଏବଂ ସମ୍ପୂର୍ଣ୍ଣ ମାଛ ଉତ୍ପାଦନ ସମ୍ଭବ ।

୧୪) ଏଥିରେ ଦିଆଯାଉଥିବା ଖାଦ୍ୟର ସମ୍ପୂର୍ଣ୍ଣ ବିନିଯୋଗ ହୋଇଥାଏ ।

୧୫) ସବୁଠାରୁ ବଡ଼ କଥା ହେଲା ଏଥିରେ କମ୍ ଖର୍ଚ୍ଚରେ ସର୍ବାଧିକ ଲାଭ ହୋଇଥାଏ ।

(ରେମୁଣା , ବାଲେଶ୍ୱର,
ମୋ -୯୧୭୮୪୦୬୫୭)




# ମରାଠା ବୀର ସମ୍ଭାଜୀ



ସମ୍ଭାଜୀ ବା ଧର୍ମବୀର ଛତ୍ରପତି ସମ୍ଭାଜୀ ରାଜେ ଭୋନସଲେ ଥିଲେ ଅଦ୍ୱିତୀୟ ମରାଠା ବୀର। ଭାରତ ଇତିହାସରେ ତାଙ୍କର ଶୌର୍ଯ୍ୟ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି। ସମ୍ଭାଜୀ ମେ ୧୪ ତାରିଖ ୧୬୫୭ରେ ପୁଣେର ପୁନ୍ଦର ଦୁର୍ଗରେ ଜନ୍ମଗ୍ରହଣ କରିଥିଲେ। ସେଥିରେ ମରାଠା ବୀର ଛତ୍ରପତି ଶିବାଜୀ ଓ ସାଇ ବୀରଙ୍କ ପୁତ୍ର। ସେ ସମୟରେ ମୋଗଲଙ୍କ ପ୍ରଧାନ ଶତ୍ରୁ ଥିଲେ ମୋଗଲ ବାଦଶାହା ଆଉରଙ୍ଗଜେବ୍। ସାରା ଭାରତରେ ଆଧିପତ୍ୟ ବିସ୍ତାର କରିବା ସହ ହିନ୍ଦୁ ରାଜ୍ୟକୁ କବଳକୁ ଆଣିବା ଲାଗି ଆଉରଙ୍ଗଜେବ୍ ମରାଠା ରାଜ୍ୟ ଉପରେ ଆକ୍ରମଣ କରିଥିଲେ। ମାତ୍ର ତାଙ୍କ ଆକ୍ରମଣକୁ ସଫଳ ହେବାକୁ ଦେଇନଥିଲେ ସମ୍ଭାଜୀ। ଯୁଦ୍ଧଭୂମିରେ ଅସାଧାରଣ ବୀରତ୍ୱର ପ୍ରଦର୍ଶନ କରି ସମ୍ଭାଜୀ ମୋଗଲ ସେନାର ନିଦ ହଜାଇ ଦେଇଥିଲେ। ତାଙ୍କ ଆକ୍ରମଣରେ ଅତିଷ୍ଠ ହୋଇପଡ଼ିଥିଲେ ଆଉରଙ୍ଗଜେବ୍। ଶେଷରେ ବିଶ୍ୱାସଘାତକତା କରି ସମ୍ଭାଜୀଙ୍କୁ କାବୁ କରି ନେଇଥିଲା ମୋଗଲ ସେନା। ତାଙ୍କୁ ଧର୍ମ ପରିବର୍ତ୍ତନ କରିବାକୁ କୁହାଯାଇଥିଲା। ମାତ୍ର ସେ ମୃତ୍ୟୁକୁ ବରଣ କରିବେ ପଛେ ଧର୍ମଦ୍ରୋହୀ ହେବେ ନାହିଁ ବୋଲି କହି ଦେଇଥିଲେ। ସେଥିପାଇଁ ତାଙ୍କୁ ଧର୍ମବୀର କୁହାଯାଇଥାଏ। ଶେଷରେ ତାଙ୍କୁ ଅକଥନୀୟ ଯନ୍ତ୍ରଣା ଦିଆଯାଇ ମୋଗଲ କାରାଗାରରେ ହତ୍ୟା କରାଯାଇଥିଲା। ନିଜ ଜୀବନକାଳରେ ସମ୍ଭାଜୀ ୧୨୦ଟି ଯୁଦ୍ଧ ଲଢ଼ିଥିଲେ। ସବୁ ଯୁଦ୍ଧରେ ତାଙ୍କରି ହିଁ ବିଜୟ ହୋଇଥିଲା। ଏଭଳି ପରାକ୍ରମ ଦେଖାଇଥିବା ବୀର ଇତିହାସରେ ମିଳିବା ବିରଳ।



**ଡ଼ଃ. ଅରୁନ୍ଧତୀ ଦେବୀ, ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦**

# ମାଲବାହୀ ଯାନ ପାର୍କିଂ ଉପରେ କଟକଣା

ବାଲେଶ୍ୱର (ପିଏନ୍)- ବାଲେଶ୍ୱର ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ନିର୍ଦ୍ଦେଶ ଅନୁଯାୟୀ ୧୬ ନମ୍ବର ଜାତୀୟ ରାଜପଥର ବିର୍ଲା ଟାୟାର ଫାଟକ ଠାରୁ ନହରପାଟଣା ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ଏବଂ ଏଥି ସଂଲଗ୍ନ ସର୍ଭିସ୍ ରାସ୍ତାରେ ସମସ୍ତ ପ୍ରକାର ମାଲବାହୀ ଯାନର ପାର୍କିଂ ଉପରେ କଟକଣା ଜାରି କରାଯାଇଛି। ଏହି ରାସ୍ତାର ବାମପଦା, ରେମୁଣା, ଶାଳବଣୀ,ନୂଆଗାଁ ଏବଂ ନହରପାଟଣା ଅଂଚଳକୁ ବ୍ଲାକସ୍ପଟ୍ ଭାବେ ଘୋଷଣା କରାଯାଇଥିବା ବେଳେ ସମ୍ପୃକ୍ତ ଅଂଚଳରେ ଯାନବାହାନର ଅବାଧ ଚଳାଚଳ ଏବଂ ଦୁର୍ଘଟଣାକୁ ଏଡାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ମାଲବାହୀ ଟ୍ରକ୍ ସମେତ ଅନ୍ୟାନ୍ୟ ମାଲବାହୀ ଯାନଗୁଡିକ ଗମ୍ଭାରିଆଠାରେ ପ୍ରସ୍ତାବିତ ଟ୍ରକ୍ ଟର୍ମିନାଲରେ ହିଁ ସେମାନଙ୍କ ଗାଡିଗୁଡିକୁ ପାର୍କିଂ କରିବାକୁ କୁହାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ଏହି କଟକଣାର ଅନୁପାଳନପୂର୍ବକ ମାଲବାହୀ ଗାଡିଗୁଡିକ ଉପରୋକ୍ତ ରାସ୍ତାରେ ବେଆଇନ ପାର୍କିଂ ନ କରିବାକୁ ନିର୍ଦ୍ଦେଶ ଦିଆଯିବା ସହିତ ଏ ସଂକ୍ରାନ୍ତରେ ସଚେତନତା ସୃଷ୍ଟି ପାଇଁ ସ୍ଥାନୀୟ ଅଂଚଳରେ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର ମଧ୍ୟ କରାଯାଉଛି। ଜାରି କରାଯାଇଥିବା କଟକଣାର ଉଲ୍ଲଙ୍ଘନ କଲେ ଆଇନ ଅନୁଯାୟୀ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ସିପିଆଇର ଟାଟା ପାୱାର ଅଫିସ୍ ଘେରାଉ

ଭୁବନେଶ୍ୱର (ପିଏନ୍): ସମଗ୍ର ରାଜ୍ୟରେ ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ କରିବା, କମ୍ପାନୀରାଜ ବନ୍ଦ କରି ରାଜ୍ୟ ସରକାର ବିଦ୍ୟୁତ୍‌କୁ ନିଜ ହାତକୁ ନେବା, ରାଜ୍ୟ ବିଦ୍ୟୁତ୍ ବୋର୍ଡକୁ ପୁନର୍ବାହାଲ କରିବା ଏବଂ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବ୍ୟବହାର କରୁଥିବା ପ୍ରତ୍ୟେକ ପରିବାରକୁ ମାଗଣା ବିଜୁଳି ଯୋଗାଇଦେବା ଦାବିରେ ସିପିଆଇ ପକ୍ଷରୁ ରାଜ୍ୟ ବ୍ୟାପୀ ବିଦ୍ୟୁତ୍ ଅଫିସ୍ ଘେରାଉ ପରିପ୍ରେକ୍ଷୀରେ, ରାଜଧାନୀ ଭୁବନେଶ୍ୱରଠାରେ 'ଟାଟା ପାୱାର'ର ସିଇଓଙ୍କ ଅଫିସ୍ ଘେରାଉ କରାଯାଇଥିଲା। ସିପିଆଇର ଶହ ଶହ କର୍ମୀ ହାତରେ ଦଳୀୟ ପତାକା, ଫେଷ୍ଟୁନ୍ ଓ ବିଭିନ୍ନ ସ୍ଲୋଗାନ ଲେଖାଥିବା ପ୍ଲାକାର୍ଡମାନ ଧରି ରାଜଭବନ ଛକ ନିକଟରେ ରୁଣ୍ଡ ହୋଇଥିଲେ। ସେଠାରୁ ଏକ ଶୋଭାଯାତ୍ରା ବାହାରି ପାୱାର ହାଉସ୍ ଛକରେ ଥିବା ଟାଟା ପାୱାର ସିଇଓ ଅଫିସ୍ ନିକଟରେ ପହଞ୍ଚି ଘେରାଉ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସେଠାରେ ସିପିଆଇ ଜୋନ ସମ୍ପାଦକ ସୁର ଜେନା ଉଦ୍‌ବୋଧନ ଦେଇ ଟାଟା କମ୍ପାନୀ ଆସିବା ପରେ ବିଦ୍ୟୁତ୍ କ୍ଷେତ୍ରରେ ଘୋର ଅରାଜକ ପରିସ୍ଥିତି ସୃଷ୍ଟି ହୋଇଛି; ଗ୍ରୀଷ୍ମଋତୁରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି ଓ ମନଇଚ୍ଛା ବିଲ୍ ଆସୁଛି ବୋଲି ଅଭିଯୋଗ କରି ରାଜ୍ୟ ସରକାର ଟାଟା କମ୍ପାନୀକୁ ବିଦା କରି ବିଜୁଳିକୁ ନିଜ ହାତକୁ ନେବା ପାଇଁ ଦାବି କରିଥିଲେ। ବିକ୍ଷୋଭ ପରେ ରାଜ୍ୟ ଶକ୍ତିମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଟାଟା ପାୱାର (ବଣ୍ଟନ) ସିଇଓଙ୍କୁ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସିପିଆଇ ରାଜ୍ୟ ପରିଷଦ ସଭ୍ୟ ବିଜୟ ଜେନା, ଜୋନ ସହସମ୍ପାଦକ କୈଳାସ ପୁହାଣ, ନାନିକା ମୁଣ୍ଡା, ପାର୍ବତୀ ଲାଗୁରି, ରମା ବେହେରା, ଶୈଳ ନାୟକ, ସବିତା ବେହେରା, ଛେତମ୍ବର ଭୋଇ, ଲୋକନାଥ ଭୋଇ, ଆଦିବାସୀ ନେତା ଡାକ ହେମ୍ବ୍ରମ୍, ଅଶୋକ ବାରିକ, ପାପା ମାକ ଓ ମଙ୍ଗଳା ସେଠୀ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ରେମୁଣା ବ୍ଲକ ସଂକରପୁର ସ୍ଥିତ ତ୍ରିଶକ୍ତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଅମୁଲ କୁମାର ପାତ୍ର ମାର୍ଚ୍ଚ ୩୧ ତାରିଖରେ ଅବସର ନେଇ ସାରିଥିବା ବେଳେ ସହକାରୀ ଶିକ୍ଷକ ଶ୍ରୀଯୁକ୍ତ ଛତୀନ୍ଦ୍ର ଦଣ୍ଡପାଟ ଅପ୍ରେଲ ୩୦ରେ ଅବସର ନେଇଛନ୍ତି। ପ୍ରାୟ ୧ ମାସ ଅନ୍ତରରେ ଦୁଇ ଦୁଇ ଜଣ ଶିକ୍ଷକ ଅବସର ନେଉଥିବାରୁ ଏହାକୁ ସ୍ମରଣୀୟ କରିବା ପାଇଁ ସହକାରୀ ଶିକ୍ଷକ, ପୁରାତନ ଛାତ୍ର ଏବଂ ଗ୍ରାମବାସୀ ମାନେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ କରିଥିଲେ। ଏହି ସଭାର ମଞ୍ଚ ପରିଚାଳନା ଦାୟିତ୍ୱ ନେଇଥିଲେ ରାଷ୍ଟ୍ରପତି ଓ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ ସତ୍ୟଭାମା ମୁଦୁଲି। ମଞ୍ଚରେ ସଭାପତି ଭାବେ ଶ୍ରୀଯୁକ୍ତ ରାମଚନ୍ଦ୍ର ଓଝା ଓ ଉଦ୍‌ଘାଟକ ଭାବେ ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ କବିତା ପାଣୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ରେମୁରା ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଯୁକ୍ତ କାଳେନ୍ଦି ଚରଣ ସୋରେନ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଶ୍ରୀଯୁକ୍ତ ଜୟନ୍ତ କୁମାର ଦାସ, ଶ୍ରୀଧର ଘୋଷ, ସ୍ମୃତିଧର ସାହୁ, କରୁଣାକର ମହାଳିକ, ଦେବେନ୍ଦ୍ର ପଣ୍ଡା ଓ ଭରତ ଚରଣ ଓଝା ଉପସ୍ଥିତ ଥିଲେ। ପୁରାତନ ଛାତ୍ର ଦୀପକ ମହାନ୍ତି, ଦେବାଶିଷ ଦାସ, ସଂଜୟ ମହାନ୍ତି, ସୌମ୍ୟ ରଞ୍ଜନ ଓଝା, ଅନୀଲ ମହାନ୍ତି, ହରିଶ ଚନ୍ଦ୍ର ମହାନ୍ତି, ବିଜୟ ମହାନ୍ତି, ସୋମନାଥ ମହାନ୍ତି, ଭଜକିଶୋର ମହାନ୍ତି, ସଂଜୟ କୁମାର ବେହେରା ଓ ମଞ୍ଚରେ ବସିଥିବା ସମସ୍ତ ଅତିଥି ମାନେ ଶ୍ରୀଯୁକ୍ତ ପାତ୍ର ଏବଂ ଶ୍ରୀଯୁକ୍ତ ଦଣ୍ଡପାଟଙ୍କ ଦୀର୍ଘ ବର୍ଷର ଶିକ୍ଷକତା ସହିତ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ଭଲ ମଣିଷ ପରି ମଣିଷଟିଏ ଗଢ଼ିବା ପାଇଁ ଚେଷ୍ଟା କରିବା ଓ ବିଦ୍ୟାଳୟର ଉନ୍ନତି ଦିଗରେ ଅକ୍ଳାନ୍ତ ପରିଶ୍ରମ କରିବା ଆଦି ନିଜ ନିଜ ବକ୍ତବ୍ୟରେ କହିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଥମେ ଉଦ୍‌ଘାଟନୀ ସଂଗୀତ ପରିବେଷଣ କରାଯିବା ସହିତ ମଝିରେ ମଝିରେ ସମ୍ବର୍ଦ୍ଧନା ସଂଗୀତ ଗାନ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକଙ୍କୁ ଗ୍ରାମବାସୀ ଓ ପୁରାତନ ଛାତ୍ର ଛାତ୍ରୀ ଅବସରକାଳୀନ ମାନପତ୍ର ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିବା ସହିତ ସ୍ମରଣୀୟ ରଖିବା ପାଇଁ ସମସ୍ତେ ଉପହାର ଦେଇଥିଲେ। ଶେଷରେ ଶିକ୍ଷୟିତ୍ରୀ ସରସ୍ୱତୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। କମିଟିର ସମସ୍ତ ସଦସ୍ୟ ସଦସ୍ୟା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ପ୍ରଫୁଲ୍ଲ କରଙ୍କ ବିୟୋଗରେ ଶୋକ

ଭୁବନେଶ୍ୱର (ପିଏନ୍): ଓଡିଆ ସଙ୍ଗୀତ ଜଗତର ସୁନାମଧନ୍ୟ ସଙ୍ଗୀତ ନିର୍ଦ୍ଦେଶକ, ଗାୟକ ଓ ଗୀତିକାର ତଥା ଭାରତୀୟ ରେଡ଼କ୍ରସ୍ ସୋସାଇଟି, ଓଡିଶା ରାଜ୍ୟ ଶାଖାର ପୂର୍ବତନ କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ପଣ୍ଡିତ ପ୍ରଫୁଲ୍ଲ କରଙ୍କ ବିୟୋଗରେ ଉତ୍କଳ ସମ୍ମିଳନୀ ଓ ରେଡକ୍ରସ୍‌ର ଆଜୀବନ ସଦସ୍ୟ/ ସଦସ୍ୟାମାନଙ୍କ ମଧ୍ୟରେ ଏକ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ତଥା ରେଡକ୍ରସ୍‌ର ବରିଷ୍ଠ ସଦସ୍ୟ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଶୋକ ବ୍ୟକ୍ତ କରି ତାଙ୍କର ଅମରଆତ୍ମାକୁ ଶାନ୍ତି ଓ ତାଙ୍କ ପରିବାରକୁ ସାହସ ଦେବା ପାଇଁ ଜଗତରନାଥ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରିଛନ୍ତି।


# ତୁଳସୀକ୍ଷେତ୍ର ପଣ୍ଡିତ ସଭାର କର୍ମକର୍ତ୍ତା ନିର୍ବାଚନ

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ତୁଳସୀକ୍ଷେତ୍ର ପଣ୍ଡିତ ସଭାର ଏକ ବୈଠକ ପବିତ୍ର ତୁଳସୀକ୍ଷେତ୍ରର ଶ୍ରୀ ସିଦ୍ଧ ବଳଦେବଜୀଉ ମନ୍ଦିର ପରିସରରେ ପଣ୍ଡିତ ଧ୍ରୁବଚରଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମାଜର କଲ୍ୟାଣ ନିମନ୍ତେ ତୁଳସୀକ୍ଷେତ୍ରର ଜ୍ଞାନୀ, ଗୁଣୀ, ତଥା ପଣ୍ଡିତ ବୁଦ୍ଧିଜୀବୀମାନେ



ଏକତ୍ର ହୋଇ ତୁଳସୀକ୍ଷେତ୍ର ପଣ୍ଡିତ ସଭାର ନୂତନ କର୍ମକର୍ତ୍ତା ଚୟନ କରିଛନ୍ତି। ଏହି ସଭାର ମୁଖ୍ୟ ଉପଦେଷ୍ଟା ଭାବରେ ପଣ୍ଡିତ କେଶବ ଚନ୍ଦ୍ର ପତ୍ରୀ, ସଭାପତି ଭାବେ ପଣ୍ଡିତ ଧୃବ ଚରଣ ପଣ୍ଡା, ଉପସଭାପତି ଭାବେ କୃଷ୍ଣା ନନ୍ଦ ପଣ୍ଡା ଓ ନାରାୟଣ ପତି, ସମ୍ପାଦକଭାବେ ସତ୍ୟନାରାୟଣ ପତି, ସହସମ୍ପାଦକ ଭାବେ ସୁବାଷ ଚନ୍ଦ୍ର ପାଣି, ଯୁଗ୍ମ ସମ୍ପାଦକ ଭାବେ ମାଧବ ଚନ୍ଦ୍ର ପତ୍ରୀ ଓ କୋଷାଧ୍ୟକ୍ଷ ଭାବେ ମହେଶ୍ୱର ପାଣିଙ୍କୁ ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଥିଲା। କାର୍ଯ୍ୟକାରୀ କମିଟି ସଭ୍ୟ ଭାବରେ ପଣ୍ଡିତ ମୂରଲୀଧର ଷଡଙ୍ଗୀ, ନରେନ୍ଦ୍ର ତ୍ରିପାଠୀ, ହରେକୃଷ୍ଣ ପତି, ଅକ୍ଷୟ କୁମାର ପତ୍ରୀ, ଉମାଶଙ୍କର ପତି, ରବିନ୍ଦ୍ର କୁମାର ନାୟକ ଓ ହରପ୍ରିୟା ଦାଶଙ୍କୁ ମନୋନୀତ କରାଯାଇଥିଲା। ସାଧାରଣ ସଭ୍ୟ ଭାବରେ ପଣ୍ଡିତ କୈଳାସ ଚନ୍ଦ୍ର ଦାଶ, ପୂର୍ଣ୍ଣଚନ୍ଦ୍ର ପତି, ରମାକାନ୍ତ ପତି, ନୃସିଂହ ଚରଣ ତ୍ରିପାଠୀ, ଅବଧୂତ ରାଉତ, ନୃସିଂହ ଚରଣ ପତି, ବାସୁଦେବ ପତି, ପିତାମ୍ବର ଲେଙ୍କା ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ଆଗାମୀ ମାସରେ ପୁନଃବୈଠକ ବସି ଆଗାମୀ କାର୍ଯ୍ୟଧାରା ନିର୍ଦ୍ଧାରଣ କରାଯିବ ବୋଲି ସଭାପତି ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ଏହି ବୈଠକରେ ଅଧିକରୁ ଅଧିକ ପଣ୍ଡିତ, ବୁଦ୍ଧିଜୀବୀ ଯୋଗଦେବା ପାଇଁ ପଣ୍ଡିତ ସଭା ପକ୍ଷରୁ ନିବେଦନ କରାଯାଇଛି।

# ମା' ରାମଚଣ୍ଡୀଙ୍କ ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତ ପାଳିତ





କୋଣାର୍କ (ପିଏନ୍): ଚଳିତ ବୈଶାଖ ମାସ ଶୁକ୍ଳ ପକ୍ଷ ୧୨ ତାରିଖ ଶେଷ ଗୁରୁବାର ଦିନ ମା'ଙ୍କ ପୀଠରେ ନିଆରା ପର୍ବ ହାଣ୍ଡିଭଙ୍ଗା ଯାତ ଧୁମଧାମରେ ପାଳିତ ହୋଇଯାଇଛି। ଅର୍କକ୍ଷେତ୍ରର ରକ୍ଷାକର୍ତ୍ତୀ ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ମା' ରାମଚଣ୍ଡୀ ହେଉଛନ୍ତି ଶ୍ରେଷ୍ଠ ତଥା ଅଧିଷ୍ଠାତ୍ରୀ ଦେବୀ। ମା'ଙ୍କ ପୀଠରେ ବର୍ଷତମାମ ପାଳନ କରାଯାଉଥିବା ବିଭିନ୍ନ ପର୍ବପର୍ବାଣୀଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ଓ ନିଆରା ପର୍ବ ହେଉଛି ହାଣ୍ଡିଭଙ୍ଗା ଯାତ। ଏହା ଓଡ଼ିଆଣୀ କୂଳବଧୁମାନଙ୍କର ଏକ ନିଆରା ପର୍ବ। କାହିଁ କେଉଁ କାଳରୁ ପୁରୁଷାନୁକ୍ରମେ ଖାଲକଟାପାଟଣା ଓ ଟିକନା ଗ୍ରାମର କୁଳବଧୂମାନେ ନିଜ ପରିବାରର ଶୁଭ ମନାସି ମା' ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତକୁ ମହାଆଡ଼ମ୍ବର ସହକାରେ ପାଳନ କରିଥାନ୍ତି।। ଘଞ୍ଚ ଜଙ୍ଗଲ ଓ ସମୁଦ୍ରକୂଳରେ ଏହି ଦୁଇଟି ଗ୍ରାମର ଅବସ୍ଥିତି ଥିବାରୁ ଜଙ୍ଗଲି ଜୀବଜନ୍ତୁଙ୍କ ଆକ୍ରମଣ ଓ ସମୁଦ୍ର ମାଡ଼ି ନ ଆସିବା ପାଇଁ ଗ୍ରାମର କୁଳବଧୂମାନେ ମା' ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତକୁ ପୁରୁଷାନୁକ୍ରମେ ପାଳନ କରି ଆଶୁଛନ୍ତି।

ମା'ଙ୍କ ପୀଠ ସଂଲଗ୍ନ ଟିକନା ଓ ଖାଲକଟାପାଟଣା ଗ୍ରାମର କୁଳବଧୂମାନେ ଏହି ପବିତ୍ର ଦିନରେ ଉପବାସ ବ୍ରତ କରି ଏକତ୍ର ହୁଳହୁଳି ପକାଇ ଗ୍ରାମରୁ ବାହାରି ଥିଲେ। ମା' ରାମଚଣ୍ଡୀଙ୍କ ନିମନ୍ତେ କୂଳବଧୂମାନେ ଗାଧୁଆ ସଜ ଧରି ପବିତ୍ର ପୀଠରେ ପହଞ୍ଚିବା ପରେ ମା'ଙ୍କ ପୂଜକ ଗାଧୁଆ ନିତୀ ସମ୍ପନ୍ନ କରିଥିଲେ। ପ୍ରତ୍ୟକ ମହିଳା ପରିଧାନ



କରିଥିବା ନୂଆ ଲୁଗା କାନିରେ ବାନ୍ଧି ଆଣିଥିଲେ ହାଣ୍ଡିରନ୍ଧା ସାମଗ୍ରୀ। ମା'ଙ୍କ ମନ୍ଦିର ବେଢ଼ାରେ ପଶ୍ଚିମ ପାର୍ଶ୍ୱରେ ଥିବା ହାଣ୍ଡିରନ୍ଧା ଚୁଲାରେ ସମୁହ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ ହୋଇଥିଲା। ମନ୍ଦିରର ପୂଜକ ଓ ମାଳି ମା'ଙ୍କ ରୋଷ ଘରଚୂଲାରୁ ଅଗ୍ନୀ ଆଣୀ ପ୍ରତ୍ୟକ ମହିଳାଙ୍କ ଚୁଲିରେ ଅଗ୍ନୀ ସଂଯୋଗ କରିବାସହ ଖୀରିକୋଳି ଡାଙ୍ଗରେ ପ୍ରସ୍ତୁତ ଚଟୁ ଯୋଗାଇ ଦେବାପରେ ମହିଳାମାନେ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ କରିଥିଲେ। ମାହିଳାମାନେ ଘରୁ ଆଣିଥିବା ଅରୁଆଚାଉଳ, ମୁଗ, ଚିନି, ଘିଅ ଓ ପରିବା ମିଶା ନୂଆ ମାଟିହାଣ୍ଡିରେ ଖେଚୁଡ଼ି ପ୍ରସ୍ତୁତ କରିଥିଲେ। ଏହି ସମୟରେ ମା'ଙ୍କ ରୋଷଇଘରେ ପୂଜକ ମଧ ନୂଆ ମାଟିହାଣ୍ଡିରେ ଏତାଦୃଶ୍ୟ ଖେଚୁଡ଼ି ପ୍ରସ୍ତୁତ କରିବାପରେ ମା'ଙ୍କ ନିକଟରେ ଭୋଗଲଗାଇ ଥିଲେ। ଏହାପରେ ହାଣ୍ଡିରନ୍ଧା ଖେଚୁଡ଼ିକୁ ପୂଜକ ଓ ମହିଳାମାନେ କଦଳୀ ପତ୍ରରେ ବାଢିଥିଲେ। ଖେଚୁଡ଼ିର ସିଂହଭାଗ ଅଂଶକୁ ଦୁଇଟି ବାଟୁଳା କରି ବାଘ ଓ ବାଘୁଣିଙ୍କ ନିମନ୍ତେ ହାଣ୍ଡିରେ ରଖିବା ପରେ ଅବଶିଷ୍ଟ ଖେଚୁଡ଼ିକୁ ସେବନ



କରିବା ପରେ ଖେଚୁଡ଼ି ହାଣ୍ଡିକୁ ଧରି ପୂଜକ ହାଣ୍ଡିଭଙ୍ଗା ବନ୍ତ ଅଭିମୂଖେ ଆଗେ ଆଗେ ଯିବା ବେଳେ ମହିଳାମାନେ ନିଜ ନିଜ ହାଣ୍ଡିକୁ ଧରୀ ନିରବତା ଅବଲମ୍ବନ କରି ତାଙ୍କୁ ଅନୁସରଣ କରିଥିଲେ। ମା'ଙ୍କ ମନ୍ଦିରର ପଶ୍ଚିମ-ଉତ୍ତର କୋଣର ୨୦୦ମିଟର ଦୂରରେ ଥିବା ହାଣ୍ଡିଭଙ୍ଗା ବନ୍ତରେ ପହଞ୍ଚି ଏହି ବନ୍ତକୁ ସାତଥର ପ୍ରଦିକ୍ଷଣ କରିବା ପରେ



ବନ୍ତ ଚୂଡ଼ାରେ ଥିବା ଶିଳା ଉପରେ ହାଣ୍ଡିକୁ କଚାଡ଼ି ଭାଙ୍ଗିଥିଲେ। ଏହାପରେ ମହିଳାମାନେ ଏକ ମୁହାଁ ହୋଇ ୩୦୦ ମିଟର ଦୂରରେ ଥିବା ହାତଧୁଆ ଝରଣାରେ ହାତ ଧୋଇ ଗ୍ରାମଦେବତୀ ଖାଲକୋଠୀଙ୍କୁ ମୁଣ୍ଡିଆମାରୀ ଘରକୁ ଫେରିଥିଲେ। ଯେଉଁ ମହିଳାଙ୍କ ହାଣ୍ଡିର ମୁଣ୍ଡୁଳି ଭାଙ୍ଗିନଥିଲା ସଂପୃକ୍ତ ମହିଳା ନିଜ ପରିବାରରେ କୌଣସି ଅମଙ୍ଗଲ ନ ହେବା ପାଇଁ ରିଷ୍ଟ ଖଣ୍ଡନ ଉଦ୍ଦେଶ୍ୟରେ ଶୁକ୍ରବାର ପ୍ରତ୍ୟୁଶରେ ମା'ଙ୍କ ପାଖରେ ଗୁହାରିଆ ପଡ଼ିବେ।

ଏହି ଅବସରରେ ବିଶ୍ୱ ଶାନ୍ତି ନିମନ୍ତେ ମା'ଙ୍କ ନିକଟରେ ୧୦ ତାରିଖରୁ ତ୍ରିଦିବସୀୟ ଚଣ୍ଡୀମହାଯଜ୍ଞ ଆୟୋଜିତ ହୋଇଥିବା ବେଳେ ପ୍ରତ୍ୟେହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁବାର ପ୍ରତ୍ୟୁଷରେ ମା' ରାମଚଣ୍ଡୀଙ୍କୁ ମହାଲକ୍ଷ୍ମୀ ବେଶରେ ସଜାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ସକାଳ ମଙ୍ଗଳ ଆଳତି ଓ ରାତିରେ ବଡ଼ସିଂହାର ଧୂପ ଆଳତିକୁ ମିଶାଇ ମାଆଙ୍କ ନିକଟରେ ମୋଟ ୫ ଥର ଆଳତି କରାଯାଇଥିଲା। ମା'ରାମଚଣ୍ଡୀଙ୍କର ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଦିନତମାମ ଲାଗିରହିଥିଲା। ମା'



ରାମଚଣ୍ଡୀ ବଜାର କମିଟିର ସଭାପତି ସୁବାସ ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ବେହେରା, ଲୋକନାଥ ନାୟକ, ନରେନ୍ଦ୍ର ପରିଡା, ଚନ୍ଦ୍ରନ ବେହେରା, ଅନିଲ ନାୟକ, ସଦଶିବ ନାୟକ, ରବିନ୍ଦ୍ର ଦାସ, ସନାତନ ବେହେରା, ପ୍ରକାଶ ବେହେରା, ରାମଚନ୍ଦ୍ର ନାୟକ, ସନାତନ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଠାରେ ସୂଚନା ଥାଉକି ୨୦୧୯ ମସିହାରେ ସାମଦ୍ରିକ ଝଡ ଫନି ଓ ୨୦୨୦ ଏବଂ ୨୦୨୧ ମସିହାରେ ମହାମାରୀ କରୋନା ପାଇଁ ମା'ଙ୍କ ପୀଠରେ ଜାକଜମକରେ ପାଳନ ହୋଇପାରି ନଥିଲା ହଣ୍ଡିଭଙ୍ଗା ଯାତ। କେବଳ ପରମ୍ପରା ରକ୍ଷା କରାଯାଇଥିଲା।

# ମହିଳାଙ୍କୁ ସ୍ୱାବଲମ୍ବୀ କରୁଛି ମାଛ ଚାଷ




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ଜିଲ୍ଲାରେ କୌଣସି ଶିଳ୍ପ କାରଖାନା ନ ଥିବା ବେଳେ ମହିଳାମାନଙ୍କୁ ମାଛଚାଷ ସ୍ୱାବଲମ୍ବୀ କରୁଛି। ଦିନକୁ ଦିନ ଅଧିକରୁ ଅଧିକ ମହିଳା ଗ୍ରାମ୍ୟ ପୁଷ୍କରିଣୀରେ ମାଛଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଗ୍ରାମାଞ୍ଚଳରେ ଥିବା ପୋଖରୀରେ ମହିଳାମାନେ ଗୋଷ୍ଠୀ ଗଠନ କରି ମାଛଚାଷ କରୁଛନ୍ତି। ମାଛ ଚାଷ କରିବା ପାଇଁ ପ୍ରଥମେ ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ସେମାନଙ୍କୁ ତାଲିମ ପ୍ରଦାନ କରାଯାଉଛି। ଏହାପରେ ସେମାନଙ୍କୁ ମାଛ ଚାଷ କରିବା ପାଇଁ ବ୍ୟାଙ୍କ ଯୋଗେ ଋଣ ଯୋଗାଇ ଦିଆଯାଉଛି। ଏହି ଋଣରେ ୬୦ ପ୍ରତିଶତ ରିହାତି ମଧ ପ୍ରଦାନ କରାଯାଉଛି। ଯାହା ଫଳରେ ମହିଳାମାନେ ଆକୃଷ୍ଟ ହୋଇ ମାଛଚାଷ ପ୍ରତି ମନ ବଳାଉଛନ୍ତି ବୋଲି କହିଛନ୍ତି ଜିଲ୍ଲା ମତ୍ସ୍ୟ ଅଧିକାରୀ ମମତା ମହାପାତ୍ର। ମତ୍ସ୍ୟ ବିଭାଗରୁ ମିଳିଥିବା ତଥ୍ୟ ଅନୁଯାୟୀ ଜିଲ୍ଲାର ୯ଟି ବ୍ଲକରେ ବର୍ତ୍ତମାନ ୪୭୭ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଗଠନ କରାଯାଇଛି। ଏହି ଗୋଷ୍ଠୀଗୁଡିକରେ ୪୮୭୦ ମହିଳା ସାମିଲ ହୋଇଛନ୍ତି। ସେମାନେ ୪୭୭ଟି ପୋଖରୀରେ ମାଛ ଚାଷ କରୁଛନ୍ତି। ମହିଳା ଗୋଷ୍ଠୀଗୁଡିକ ବାର୍ଷିକ ହେକ୍ଟର ପିଛା ୨.୬ ଟନ ମାଛ ଉତ୍ପାଦନ କରୁଛନ୍ତି। ଏହାକୁ କିଲୋ ପିଛା ୧୦୦ ଟଙ୍କା ମୂଲ୍ୟରେ ବିକ୍ରି କରୁଛନ୍ତି। ବେପାରୀମାନେ ସ୍ୱୟଂସହାୟକ ଗୋଷ୍ଠୀ ନିକଟରୁ ମାଛ ନେଇ ବଜାରରେ ବିକ୍ରି କରୁଛନ୍ତି। ଏହାଦ୍ୱାରା ମହିଳାମାନେ ପରିବାରର ଆର୍ଥିକ ବୋଝ କମାଇବାରେ ସହାୟକ ହୋଇପାରିଛନ୍ତି। ଏହି ମାଛଚାଷ ଦ୍ୱାରା ପରୋକ୍ଷରେ ମଧ ବହୁତ ଲୋକ ରୋଜଗାରକ୍ଷମ ହୋଇପାରୁଛନ୍ତି। କାରଣ ଯେଉଁ ହୋଲସେଲ ବେପାରୀମାନେ ମାଛ କିଣୁଛନ୍ତି ସେମାନେ ରୋଜଗାରକ୍ଷମ ହେଉଛନ୍ତି। ଏଥିସହ ଯେଉଁ ଖୁଚୁରା ବେପାରୀମାନେ ଏହାକୁ ବିକ୍ରି କରୁଛନ୍ତି ସେମାନେ ମଧ ରୋଜଗାରକ୍ଷମ ହୋଇପାରୁଛନ୍ତି। ଜିଲ୍ଲାରେ ବେକାରୀ ସମସ୍ୟା ଦୂର କରିବା ଓ ଜିଲ୍ଲାର ଅର୍ଥନୀତିକୁ ସୁଦୃଢ କରିବାରେ ମାଛଚାଷ ସହାୟକ ହେଉଛି ବୋଲି ଜିଲ୍ଲା ମତ୍ସ୍ୟ ଅଧିକାରୀ କହିଛନ୍ତି।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Prajnan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ସାନ୍ତସାହି-ଗଣ୍ଡାକିଆ ରାସ୍ତା ଦବିଲା

କେନ୍ଦ୍ରାପଡ଼ା,(ପି.ଏନ): ମାତ୍ର ୨/୩ମାସ ତଳେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବହୁ ଚର୍ଚ୍ଚିତ ସାନ୍ତସାହି-ଗଣ୍ଡାକିଆ ରାସ୍ତାର କଂସାର-ସାହାସପୁର ହାଇସ୍କୁଲ ସମ୍ମୁଖ ଭାଗ ରାସ୍ତାଟି ଦବି ଯାଇଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସେହି ରାସ୍ତାଟି ନିକଟରେ ଠିକାଦାର ଶିବ ପ୍ରସାଦ ପରିଡାଙ୍କ ଦ୍ୱାରା ନିର୍ମାଣ କରାଯାଇଥିଲା। ସେହି ରାସ୍ତାଟି ନିର୍ମାଣ ସମୟରେ ସଂପୃକ୍ତ ପ୍ରକଳ୍ପର ଅଟକଳ ଅନୁଯାଇ ଆବଶ୍ୟକ ମୁତାବକ ମାଟି ଓ ବାଲି ପକାନଯିବା ସହିତ ନିମ୍ନମାନର ସାମଗ୍ରୀ ବ୍ୟବହାର ନେଇ ବହୁ ଗୁରୁ□ର ଅଭିଯୋଗ ହୋଇଥିଲା। କିନ୍ତୁ ସଂପୃକ୍ତ ବିଭାଗ ଅଭିଯୋଗ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା। ଫଳରେ ସେହି ରାସ୍ତାର ବହୁ ସ୍ଥାନରେ ଏଭଳି ଘଟଣା ଦେଖିବାକୁ ମିଳିଥିବା ଅଭିଯୋଗ ହୋଇଛି।

## ପ୍ରବାସୀ ଭାରତୀୟ ପରିଷଦ ଦ୍ୱାରା ସଂଗୀତ ସମାରୋହ

ଭୁବନେଶ୍ୱର : ପ୍ରବାସୀ ଭାରତୀୟ ପରିଷଦ ପକ୍ଷରୁ ସଂଗୀତ ସମାରୋହ କାର୍ଯ୍ୟକ୍ରମ କୁଏତର ଆବୁ ହଲିଫାର ଦୁମ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି। କୁଏତର ଏରିଆ ସଭାପତି ବିଶ୍ୱରଞ୍ଜନ ସାହୁଙ୍କୁ ବିପିପିର ସଭାପତି ବିନୋୟ ସେବାଷ୍ଟିଆନ ପ୍ରଶଂସା କରି କୁଏତରେ ବିଭିନ୍ନ ସାମାଜିକ ଓ ଜନକଲ୍ୟାଣ କାର୍ଯ୍ୟକଳାପ ରେ ପ୍ରତକ୍ଷ୍ୟ ଭାବରେ ଜଡ଼ିତ ନିସ୍ୱାର୍ଥପର ଜନସେବାରେ ନିଜକୁ ନିୟୋଜିତ କରି କୁଏତର ପ୍ରବାସୀ ଭାରତୀୟଙ୍କ ମଧ୍ୟରେ ମାନବିକତା ପରିଚୟ ସୃଷ୍ଟି କରିଛନ୍ତି। ଗୁଜରାଟରୁ ୨ ଜଣ ଶ୍ରମିକ ଏଜେ□ ଦ୍ୱାରା ଠକାମୀର ଶିକାର ହୋଇଥିଲେ। ସେ ଦୁଇ ଜଣଙ୍କୁ ଭାରତୀୟ ଦୂତ ବାସର ସାହାଯ୍ୟରେ ନିଜର ରାଜ୍ୟକୁ ପଠାଇବାରେ ଶ୍ରୀଯୁକ୍ତ ସାହୁ ସହଯୋଗ ସହଯୋଗ କରିଥିଲେ। ପ୍ରବାସୀ ଭାରତୀୟର ବିଭିନ୍ନ ବର୍ଗର ଗାୟକମାନେ ଦର୍ଶକଙ୍କୁ ମନମୁଗ୍ଧ କରିଥିଲେ। ମାଷ୍ଟର ରୋହିତ ଶ୍ୟାମଙ୍କ ସମେତ ୨୦ ଜଣ ଗାୟକ ବଲିଉଡ ସଂଗୀତ ଗାଥାର ଭିନ୍ନ ଭିନ୍ନ ଗୀତ ଗାଇଥିଲେ। ଅନ୍ୟ ଗାୟକ ମାନଙ୍କ ମଧ୍ୟରେ ବିନୋଦ ପାଣ୍ଡିର, ବିନୋୟ ସେବାଷ୍ଟିଆନ, ଅକ୍ଷୟ ପଟେଲ, ଅସ୍ୱାତୀ ଶ୍ରୀନାଥ, ଉପସାନା ସିହ୍ନା, ମିତାଲୀ ଜେନା, ସନ୍ତୋଶ ରାଣା, ଯୋଗେଶ ପାଣ୍ଡ୍ୟା, ହେମାଗିନି ପାଣ୍ଡ୍ୟା, କ୍ଲିଫୋର୍ଡ ମିରାଣ୍ଡା, ସଙ୍ଗୀତାବେନ ବ୍ୟାସ, ସାଗର ବିସଓ୍ୱା, ମୃଣାଳ ସର୍ମା, ତିର୍ଥ ପାଣ୍ଡ୍ୟା, ବିମଳ ବର୍ମନ, ମୁକେଶ ସେଠୀ ଏବଂ ସଞ୍ଜୟରାମି ଭାଗ ନେଇଥିଲେ। ଗାୟକ ମାନେ ଦେଶଭକ୍ତି ଗୀତ ଓ କବିତା ପାଠ କରିଥିଲେ। ଦେଶଭକ୍ତି ଭାବନାରେ ଆନନ୍ଦରେ ଉତ୍ସାହିତ ହୋଇ ଚମତ୍କାର ନୃତ୍ୟ କୁ ଉପଭୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାମାୟା ସନେଶଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବିପିପି ର ସଭାପତି ବିନୋଇ ସେବାଷ୍ଟିଆନ୍ ଏହି କାର୍ଯ୍ୟେକ୍ରମରେ ଅଧ୍ୟକ୍ଷତା କରିଥିଲେ। ବିପିପି ର ସାଧାରଣ ସଂପାଦକ ସୁଧିର ଭି ମେନନ ସମେତ ସମସ୍ତ କେନ୍ଦ୍ରୀୟ କାର୍ଯ୍ୟ କମିଟିର ସଭ୍ୟ ଯୋଗଦାନ କରିଥିଲେ। କର୍ଣ୍ଣାଟକ ଓ୍ୱିଙ୍ଗର ସ୍ୱେଚ୍ଛାସେବୀ ମାନେ ଅତିଥି ମାନଙ୍କୁ ଉତ୍ସାହର ସହିତ ସେବା କରିଥିଲେ।

## ଯୁବତୀଙ୍କୁ ଅନ୍ତସତ୍ତ୍ୱା କରିବା ଅଭିଯୋଗରେ ଯୁବକ ଗିରଫ

ଧର୍ମଶାଳା, (ପିଏନ): ଧର୍ମଶାଳା ଥାନା ଅନ୍ତର୍ଗତ ବଡମଙ୍ଗଳପୁର ପଂଚାୟତ କାଇପଡା ଗ୍ରାମରେ ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିବା ସହ ଏବଂ ଯୁବତୀ ଜଣକ ଅନ୍ତସତ୍ତ୍ୱା ହେବା ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି । ସୂଚନା ମୁତାବକ କାଇପଡା ଗ୍ରାମର ବଳରାମ ତରାଇତ ସହିତ ଜଣେ ଯୁବତୀଙ୍କ ପ୍ରେମ ସମ୍ପର୍କ ଗଢିଉଠିଥିଲା । ତେବେ ବଳରାମ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଇ ତା ସହିତ ଶାରୀରିକ ସମ୍ପର୍କ ରକ୍ଷା କରିଥିଲା । ଯାହା ଫଳରେ ଯୁବତୀ ଜଣକ ଅନ୍ତସତ୍ତ୍ୱା ହୋଇଥିଲା । ଏସମ୍ପର୍କରେ ସେ ଯୁବକଙ୍କୁ ଜଣାଇବା ସହିତ ବିବାହ କରିବାକୁ କହିଥିଲା । ହେଲେ ଯୁବକ ଜଣକ ବିବାହ ପ୍ରସ୍ତାବରେ ଅରାଜି ହେବା ସହ ଗର୍ଭପାତ କରେଇବା ପାଇଁ କହିଥିଲା । ହେଲେ ଯୁବତୀ ଜଣକ ଗର୍ଭପାତ ପାଇଁ ଅରାଜି ହୋଇଥିଲା । ଯୁବତୀ ଜଣକ ଏସମ୍ପର୍କରେ ପରିବାର ଲୋକଙ୍କୁ କିଛି ଜଣାଇ ନଥିଲା । ତେବେ ସମୟକ୍ରମେ ଯୁବତୀର ପେଟ ବଢିବା ପରେ ତା ପେଟରେ ଟ୍ୟୁମର ହୋଇଛି ବୋଲି ପରିବାର ଲୋକେ ଆଣି ଧର୍ମଶାଳା ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ । ଏହି ସମୟରେ ଯୁବତୀର ଗର୍ଭରୁ ଏକ ମୃତ ଶିଶୁ ଜନ୍ମ ହୋଇଥିଲା । ଶିଶୁକୁ ଜନ୍ମ ଦେବା ପରେ ଯୁବତୀ ଜଣକ ଗୁରୁତର ହୋଇପଡିଥିଲା । ଡାକ୍ତରଙ୍କ ପରାମର୍ଶ କ୍ରମେ ପରିବାର ଲୋକେ ପରିବାର ଲୋକେ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରିଥିଲେ । ଏବେ ଯୁବତୀ ଜଣକ ଚିକିତ୍ସାଧୀନ ଅବସ୍ଥାରେ କଟକ ମେଡିକାଲରେ ଥିବା ବେଳେ ପରିବାର ପକ୍ଷରୁ ଅଭିଯୋଗ ପାଇ ଧର୍ମଶାଳା ପୁଲିସ ୨୫୬/ ୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବଳରାମଙ୍କୁ ଗତକାଲି ରାତିରେ ଗିରଫ କରିଥିଲା । ଆଜି ତାର ଡାକ୍ତରୀ ମାଇନା କରିବା ପରେ ତାକୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି ।

## ଅଙ୍ଗାରବନ୍ଧ ମହିମା ଧାମରେ ରାଜ୍ୟ ସ୍ତରୀୟ ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ ପାଳନ ହେବ

ଅନୁଗୋଳ ୧୩।୫ ଅନୁଗୋଳ ବ୍ଲକ ଅଙ୍ଗାରବନ୍ଧ ମହିମା ଧାମରେ ପ୍ରତିବର୍ଷ ଭଳି ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ ସମାରୋହ ଆସନ୍ତା ବୈଶାଖ ପୂର୍ଣ୍ଣିମା ତା୧୬।୫।୨୦୨୨ରିଖ ସୋମବାର ଦିନ ଅନୁଷ୍ଠିତ ହେଉଛି । ଉକ୍ତ ସମାରୋହରେ ଓଡିଶା ବିଧାନସଭାର ଉପବାଚସ୍ପତି ତଥା ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ମୁଖ୍ୟ ଅତିଥି ଭାବରେ ଯୋଗ ଦେଉ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଅନୁଗୋଳ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ନାଲକୋ ସମଲେଶ୍ୱର ମାନବ ସମ୍ବଳ ମହାପ୍ରବନ୍ଧକ ସତ୍ୟାନନ୍ଦ ସାହୁ ଓ ଅନୁଗୋଳ ତହସିଲଦାର ବିମଳ କୁମାର ଲେଙ୍କା ଯୋଗ ଦେବାପାଇଁ

## ଧର୍ମଶାଳା ପଂଚାୟତ ସମିତିର ପ୍ରଥମ ସାଧାରଣ ଅଧିବେଶନ

ଧର୍ମଶାଳା, ୧୩।୫ (ପିଏନ): ଧର୍ମଶାଳା ପଂଚାୟତ ସମିତିର ପ୍ରଥମ ସାଧାରଣ ଅଧିବେଶନ ଆଜି ଜାଜକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଥିବା ପଂଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ପଂଚାୟତ ସମିତିର ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ ଓ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏଥିରେ ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ, ମେଗା ଜଳ ଯେଗାଣ ପ୍ରକଳ୍ପ, ପାନୀୟ ଜଳ, ଏନଆରଇଜିଏସ, ବିଦ୍ୟୁତ, ରାସନ ସାମଗ୍ରୀ ବଂଟନ, ରାସ୍ତା ଆଲୋକିକରଣ ସମ୍ପର୍କରେ ଅଲୋଚନା କରାଯାଇଥିଲା । ସେହିପରି ଆଜିର ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନେ ଅନୁପସ୍ଥିତ ରହିବା ନେଇ ସଭ୍ୟମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଏନେଇ ଅନୁପସ୍ଥିତ ଥିବା ଅଧିକାରୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀଙ୍କୁ ଜଣାଇ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଏହି ବୈଠକରେ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ଯୋଜନା କିଭଳି ଜନସାଧାରଣଙ୍କ ନିକଟରେ ପହଁଚି ପାରିବ ସେ ନେଇ ପରାମର୍ଶ ଦେବା ସହ ସମ୍ବିଧାନିକ ବିଧି ବ୍ୟବସ୍ଥା ଅନୁସାରେ ପଂଚାୟତ ପ୍ରତିନିଧିମାନେ ସଚେତନ ହେଲେ ସାଧାରଣ ଜନତାଙ୍କ ସମସ୍ୟା ଦୁର ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ମେଗା ଜଳ ଯୋଗାଣ କାର୍ଯ୍ୟ ୨୦୨୪ ସୁଦ୍ଧା ଶେଷ ହୋଇ ବ୍ଲକର ୪୫ ଗୋଟି ପଂଚାୟତର ସମସ୍ତ ପରିବାରଙ୍କୁ ଜଳ ଯୋଗଇ ଦିଆଯିବା ନେଇ ବ୍ୟବସ୍ଥା କରାଯାଇଛି । ଅଜିର ବୈଠକରେ ଜିଲ୍ଲାପରିଷଦ ସଭ୍ୟ ଜଳଧର ମହାନ୍ତି, ସୁଧାଂଶୁ ସାହୁ, ସ୍ମୃତିରେଖା ବେହେରା, ପ୍ରଣତୀ ଲେଙ୍କା, ଭାଗ୍ୟଧର ସେଠୀ, ସରପଞ୍ଚ ସୁଦାମ ଚରଣ ବେହେରା, ସରତ ଚନ୍ଦ୍ର ରାଉତ, ତ୍ରିଲୋଚନ ଜେନା, ସୁନାକର ବେହେରା, ରବିନ୍ଦ୍ରନାଥ ସେଠୀ, ସରୋଜିନୀ ନାୟକ, ସମିତିସଭ୍ୟା ସାଗରିକା ଜେନା, ଅରୁପାନନ୍ଦ ଜେନା,ନିରୁପମା ବାରିକ, ଅନିତା ବେହେରା ପ୍ରମୁଖ ପଂଚାୟତର ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ । ଜିପିଇଓ ଦିବ୍ୟକାନ୍ତି ମିଶ୍ର ପୁର୍ବ ବୈଠକର ବିବରଣୀ ପାଠ କରିଥିବା ବେଳେ ମଣ୍ଡଳ ଉନ୍ନୟନ ଅଧିକାରୀ ଅରବିନ୍ଦ ବେହେରା ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ନବନିର୍ବାଚିତ ପଂଚାୟତ ଜନପ୍ରତିନିଧିମାନେ ନିଜର ପରିଚୟ ପ୍ରଦାନ କରିଥିଲେ । ଶେଷରେ ଏବିଡିଓ ଅସିତ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ ।

## ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା। ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ। ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ। ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ। ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶସ୍ମିତା ବେହେରା, ସରସ୍ୱତୀ ବିନ୍ଧାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ।

## ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଲା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି। ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି। ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି। ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି। ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତ୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା। ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

## ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଅଭିଯୋଗ ଆଧାରରେ ଅଧକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି। ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଲୁ କରିଛନ୍ତି ମହାବିଦ୍ୟାଳୟର ଅଧକ୍ଷ। ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି। ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଦେ। ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧ୍ୟାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟରେ ପହଞ୍ଚିଥିଲେ। ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ। ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧ୍ୟାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/ ୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ। ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧ୍ୟାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ। କେବଳ ଏତିକି ନୁହେଁ ଅଧକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି। ପୁଣି କେତେକ ଅଧ୍ୟାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି। ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ। ଅଧକ୍ଷ ଓ ଅଧ୍ୟାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ। ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତ୍ତି ସମୟ ହିଁ କହିବ।

## ପୋଖରୀରୁ ମୃତଦେହ ଉଦ୍ଧାର

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ୧ ନଂ ୱାର୍ଡ ମୁକ୍ତାପୁର ଗ୍ରାମର ମୁକ୍ତାସାଗରରୁ ଏକ ମୃତ ଦେହକୁ ଖଡିଆଳ ପୁଲିସ ଉଦ୍ଧାର କରିଛି । ମୃତ ଯୁବକ ଜଣକ ଖଡିଆଳ ବ୍ଲକ ବାଦୀ ପଂଚାୟତ ଅନ୍ତର୍ଗତ ଜୁନାନୀ ଗ୍ରାମର ବ୍ରଜମୋହମ ନାଗ (୪୫) ବୋଲି ଜଣାପଡିଛି । ସୂଚନା ମତେ ବ୍ରଜମୋହନ ଗତକାଲି ଠାରୁ ନିଖୋଜ ଥିଲେ । ପରିବାର ଓ ସମ୍ପର୍କୀୟ ଖୋଜାଖୋଜି ପରେ ମଧ୍ୟ ତାଙ୍କୁ ପାଇନଥିଲେ । ଗୁରୁବାର ସକାଳ ସମୟରେ ସ୍ଥାନୀୟ ମୁକ୍ତାସାଗର ପୋଖରୀରେ ଭାସୁଥିବାର ଖବର ପାଇ ପୁଲିସକୁ ଖବର ଦେଇଥିଲେ । ପୁଲିସ ଦମକଳ ବାହିନୀର ସହାୟତାରେ ଉଦ୍ଧାର କରିଥିଲା । ଏନେଇ ଖଡିଆଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ଶବକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ବ୍ରଜମୋହନଙ୍କ ପରିବାର ଲୋକେ ତାଙ୍କୁ ହତ୍ୟା କରାଯାଇ ପୋଖରୀରେ ଫିଙ୍ଗି ଦେଇଥିବା ନେଇ ଅଭିଯୋଗ କରିଛନ୍ତି । ହିନ୍ଦୁସ୍ଥାନ ସମାଚାର/ହେମନ୍ତ/ଭାନୁ

## ପିଆଜ ଦର କମୁନି- ଚିନ୍ତାରେ ଖାଉଟି

ନୂଆପଡା, (ପିଏନ) ନୂଆପଡା ଜିଲ୍ଲାରେ ୧ ମାସରୁ ଅଧିକ ହେବ ପିଆଜ ଦର କମୁନଥିବା ଅଭିଯୋଗ ହେଉଛି । ପିଆଜ ଦର କେଜି ପ୍ରତି ୨୦ ଟଙ୍କା ଦରରେ ବିକ୍ରୟ କରାଯାଉଥିଲା । ହେଲେ ହଟାତ ଦର ବୃଦ୍ଧି ପାଇ ୬୦ ରୁ ୮୦ ଟଙ୍କା ରେ ବିକ୍ରୟ କରାଯାଉଛି । ଦୋକାନୀ ମାନେ କେଜି ପ୍ରତି ୬୦ ଟଙ୍କାରେ ପିଆଜକୁ ବିକ୍ରୟ କରୁଥିବା ବେଳେ ବଜାରର ବେପାରୀ ମାନେ ୭୦ ରୁ ୮୦ ଟଙ୍କାରେ ପିଆଜକୁ ବିକ୍ରୟ କରୁଛନ୍ତି । ହଟାତ ପିଆଜ ଦର ବୃଦ୍ଧି ଖାଉଟିଙ୍କୁ ବାଧୁଥିବା ବେଳେ ଦରକୁ ଦେଖି ଖାଉଟି ଆବଶ୍ୟକ ପରିମାଣରେ ପିଆଜ କିଣିକି ନେଉନଥିବା ଦେଖିବାକୁ ମିଳିଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପିଆଜ ଦର କମାଇବାକୁ ସାଧାରଣରେ ଦାବୀ ହେଉଛି ।

## ଗ୍ଲୋବାଲ ସ୍କୁଲ ଆୱାର୍ଡ୍ -୨୦୨୦ ପାଇଲେ ସିନାପାଲି ଶିକ୍ଷକ

ନୂଆପଡା,(ପିଏନ)- ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଜାମପାଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଦାନନ୍ଦ ମେହେର ଗ୍ଲୋବାଲ୍ ସ୍କୁଲ୍ ଆୱାର୍ଡ୍ -୨୦୨୦ ପାଇଥିବା ଜଣାପଡିଛି। ତାଙ୍କୁ ଗ୍ଲୋବାଲ୍ ସ୍କୁଲ୍ ଆୱାର୍ଡ୍ ଓ ଏଜୁକେସନ୍ ଟିଭି ତରଫରୁ ଲାଇଭ୍ କନ୍‌ଫରେନ୍ସ ମାଧ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତାଙ୍କୁ ବେଷ୍ଟ ଟିଚର୍ ଅଫ୍ ଦ ଇଅର -୨୦୨୦ ଭାବରେ ପୁରସ୍କୃତ କରାଯାଇଥିଲା । ଶ୍ରୀମେହେରଙ୍କ ଏଭଳି ସଫଳତାକୁ ନେଇ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁ ଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ ପୂର୍ବରୁ ଶ୍ରୀମେହେର ରାଜ୍ୟ ତଥା ଜାତୀୟ ସ୍ତରରେ ବିଭିନ୍ନ ଅନୁଷ୍ଠାନ ତରପରୁ ଜଣେ ଆଦର୍ଶ ଶିକ୍ଷକ ଭାବରେ ସମ୍ମାନୀତ ହୋଇ ଚର୍ଚ୍ଚାରେ ରହି ଆସିଛନ୍ତି। ଗ୍ରାମା ଳରେ ପ୍ରାଥମିକ ଶିକ୍ଷାର ବିସ୍ତାର, ଆଦିବାସୀ ଓ ଦାଦନ ପ୍ରବଣ ଅଂଚଳରେ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ସଫଳ ଉଦ୍ୟମ ଓ ପ୍ରଚେଷ୍ଟା, ନୂତନ ଓ ଅଭିନବ ଶିକ୍ଷା ପଦ୍ଧତି ଏବଂ ଶିକ୍ଷକ ସଂଗଠନରେ ସଫଳ ନେତୃତ୍ୱ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ଜଣାପଡିଛି। ଜଣେ ଶିକ୍ଷକ ସଂଗଠକ, ସିଆର୍‌ସିସି ଭାବରେ ସେ ସୁପରିଚିତ । କିଛି ମାସ ତଳେ ତାଙ୍କୁ ଗାନ୍ଧୀଜୀଙ୍କ ନୀତି ଓ ଆଦର୍ଶର ପ୍ରଚାର ପ୍ରସାର ପାଇଁ ଭୁବନେଶ୍ୱର ସ୍ଥିତ ଗାନ୍ଧୀ ଶାନ୍ତି ଫାଉଣ୍ଡେସନ୍ ତରଫରୁ ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା ।

## ସିନାପାଲି ହାଇସ୍କୁଲ ଶିକ୍ଷକଙ୍କ ପରଲୋକ

ନୂଆପଡା, (ପିଏନ) ନୂଆପଡା ଜିଲ୍ଲା ଅନ୍ତର୍ଗତ ସିନାପାଲି ସ୍ଥିତ ନୋଡାଲ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବୀର ମେହେର(୫୫)ଙ୍କ ଗୁରୁବାର ପୂର୍ବାହ୍ନରେ ହାତୀବନ୍ଧା ସ୍ଥିତ ତାଙ୍କ ବାସଭବନରେ ପରଲୋକ ଘଟିଛି। ସେ ଶାରୀରିକ ସୁସ୍ଥ ଥିବା ବେଳେ ଆଜି ହଠାତ୍ ଅସୁସ୍ଥ ଅନୁଭବ କରି ହଠାତ୍ ଟଳିପଡି ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା । ତାଙ୍କ ପୈତୃକ ଭିଟାମାଟି ହାତୀବନ୍ଧା ସ୍ଥିତ ଶ୍ମଶାନ ଭୂମିରେ ଶବସତ୍କାର କରାଯାଇଛି।

## ପୋଲିସ କାର୍ଯ୍ୟନୁଷ୍ଠାନ ନେଉ ନଥିବା ଅଭିଯୋଗ



କେନ୍ଦୁଝର(ପିଏନ) ଝୁମ୍ପୁରା ତହସିଲ ଅନ୍ତର୍ଗତ ବସନ୍ତପୁର ପ□ାୟତର ନଈବୁଗା ପଂଚାୟତ ରାସ୍ତାକୁ କେତେକ ମୁଷ୍ଟିମେୟ ଲୋକ ଜେସିବି ମେସିନ ଦ୍ୱାରା ରାସ୍ତା କାଟି ଦେବା ଘଟଣାକୁ ନେଇ ବିବାଦ ଘନୀଭୂତ ହେବାରେ ଲାଗିଛି। ଏହି ଘଟଣାକୁ ନେଇ ଚମ୍ପୁଆ ଉପଜିଲ୍ଲାପାଳ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ କରି ରାସ୍ତା କାଟିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏହି ବେଆଇନ କାମ ପ୍ରତିବାଦରେ ସ୍ଥାନୀୟ ବସନ୍ତପୁର ସରପ□ ଲିପାରାଣୀ ନାୟକ ବାମେବାରୀ ଥାନାରେ ଲିଖିତ ଏତଲା ଦେଇଥିଲେ ହେଁ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଅସନ୍ତୋଷ ବଢୁଛି। ପ୍ରକାଶ ଯେ, ଉକ୍ତ ଗ୍ରାମ୍ୟ ରାସ୍ତା ୧୯୬୫ ମସିହାରୁ ଓଏମ୍‌ସି ଖଣି ପରିବହନ ପାଇଁ ବ୍ୟବହାର କରାଯାଇ ଆସୁଥିଲା। ସେହି ରାସ୍ତାରେ ଗ୍ରାମବାସୀ ମଧ୍ୟ ଯାତାୟତ କରୁଥିଲେ। ତେବେ ଦୀର୍ଘ ପ୍ରାୟ ୧୦୦ ବର୍ଷ ପରେ ୨ଜଣ ଆଦିବାସୀ ରାଇମଣୀ ଚମ୍ପିଆ ଓ ଜୟରାମ ମୁଣ୍ଡା ଚମ୍ପୁଆ ଉପଜିଲ୍ଲାପାଳଙ୍କ କୋର୍ଟରେ ତାଙ୍କ ଜମି ଉପରେ ମେସର୍ସ ତାରିଣୀ ପ୍ରସାଦ ମହାନ୍ତି ଜବର ଦଖଲ କରି ରାସ୍ତା ନିର୍ମାଣ କରି ଖଣି ପରିବହନ କରୁଥିବା ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଏହି ରାସ୍ତା ଉପରେ ଉପଜିଲ୍ଲାପାଳ ଜମି ଚିହ୍ନଟ ପାଇଁ ପାଇଁ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ ଦେଇଥିଲେ। ୨୧ ତାରିଖ ଦିନ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ମାପଚୁପ କରାଯାଇଥିଲା। ଜମି ମାପଚୁପ ବେଳେ ଝୁମ୍ପୁରା ଅତିରିକ୍ତ ତହସିଲଦାର କ୍ରେସନସିୟା ତିର୍କି କହିଥିଲେ ଉପଜିଲ୍ଲାପାଳଙ୍କ ଫାଇନାଲ ଅର୍ଡର ହେବା ପର୍ଯ୍ୟନ୍ତ ଜମି ଯେପରି ଅଛି ସେପରି ରହିବ ଏବଂ ଯେପରି ବ୍ୟବହାର ହେଉଛି ସେପରି ବ୍ୟବହାର ହେବ। କିନ୍ତୁ ତାଙ୍କ ଆଦେଶକୁ ଅବମାନନା କରି କେତେକ ମୁଷ୍ଟିମେୟ ଲୋକ ରାସ୍ତା କାଟି ଦେବା ଫଳରେ ବିବାଦୀୟ ପରିସ୍ଥିତି ଦେଖାଦେଇଛି। ଜେସିବି ମେସିନ ସହାୟତାରେ ରାସ୍ତାକୁ କାଟି ଗାଁକୁ ଯୋଗାଯୋଗ ବିଛିନ୍ନ କରିବା ଫଳରେ ଗାଁ ଅଶାନ୍ତ ହୋପଡିଛି। ଏହି ରାସ୍ତା ଉପରେ ଚୁଡିସାହି,ମୁଣ୍ଡାସାହି,ସାକ୍ରାଡିହି,ନଈବୁଗା ଆଦି ୧୦ଟି ସାହି ବିଛିନ୍ନ ହୋଇଯିବା ଫଳରେ ପାଣି,ଆମ୍ବୁଲାନ୍ସ,ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣରେ ବାଧାପ୍ରାପ୍ତ ହୋଇଥିଲା। ଏହି ବେଆଇନ ରାସ୍ତା ଖୋଳା ନେଇ ସ୍ଥାନୀୟ ସରପ□ ବାମେବାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ବାମେବାରୀ ପୋଲିସ ପକ୍ଷରୁ ତତ୍ପରତା ପ୍ରଦର୍ଶନ କରୁନଥିବାରୁ ଉକ୍ତ ଅ□ଳ ଅଶାନ୍ତ ହୋଇପଡିଛି। ଗତକାଲି ରାସ୍ତାର ସ୍ଥିତାବସ୍ଥା ଫେରାଇ ଆଣିବାକୁ ଝୁମ୍ପୁରା ତହସିଲଦାର ପ୍ରତିମା ପୃଷ୍ଟି ଏବଂ ଏସ୍‌ଡିପିଓ ବଡବିଲ ହିମାଂଶୁ ବେହେରାଙ୍କ ଉପସ୍ଥିତିରେ ଉଦ୍ୟମ କରିଥିଲେ ହେଁ କିଛି ଅସାମାଜିକ ଲୋକ ଗଣ୍ଡଗୋଳ କରି କାମ କରାଇ ଦେଇନଥିଲେ। ପୋଲିସ ନୀରବଦ୍ରଷ୍ଟା ସାଜି ଚୁପ ବସିଥିବାବେଳେ ଅସାମାଜିକ ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ନେଇନଥିଲା। ଏନେଇ ଉପଜିଲ୍ଲାପାଳ ଚମ୍ପୁଆ ପ୍ରତାପ ପ୍ରିତିମୟଙ୍କ ସହ ଯୋଗାଯୋଗ କରିବାରୁ ରାସ୍ତାର ମାପଚୁପ ପାଇଁ କୁହାଯାଇଥିଲା। ଯେଉଁମାନେ ରାସ୍ତା କାଟିଛନ୍ତି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ କୁହାଯାଇଛି। ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ସ□ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଗତକାଲି ରାତିରେ କିଛି ଲୋକ ଉକ୍ତ ରାସ୍ତାକୁ ପୁଣି ଥରେ ହାଣି ଦେଇଥିବାରୁ ଯାତାୟତ ବ୍ୟାଘାତ ହୋଇଛି। ସରପ□ଙ୍କ ଅଭିଯୋଗ ଅନୁଯାୟୀ ବ୍ରହ୍ମେଶ୍ୱର ମହାକୁଡ,ସୁବାସ ମହାକୁଡ,ମଦନ ମୋହନ ବେହେରା,ସୁବ୍ରତ ପଲେଇଙ୍କ ସମେତ ଅନ୍ୟମାନେ ତାଙ୍କୁ ଜାତିଆଣ ଗାଳିଗୁଲଜ କରିବା ସହ ୨ଟି ଜେସିବି ମେସିନ ସାହାଯ୍ୟରେ ରାସ୍ତା କାଟିଥିବା ନେଇ ଅଭିଯୋଗ କରିଛନ୍ତି। ଦୁଇ ଦୁଇ ଥା ରାସ୍ତା କାଟିବା ପରେ ଅଭିଯୋଗ ପରେ ପୋଲିସ କାର୍ଯ୍ୟନୁଷ୍ଠାନ ନେଉନଥିବାରୁ ସ୍ଥାନୀୟ ଗ୍ରାମବାସୀ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। କିଛି ଖଳ ପ୍ରକୃତିର ଲୋକ ପରିବହନ କାର୍ଯ୍ୟ ହାତେଇବା ପାଇଁ ଆଦିବାସୀଙ୍କୁ ଢାଲ କରି ବାରମ୍ବାର ଗଣ୍ଡଗୋଳ କରୁଥିବା ଟିପି ମହାନ୍ତି ଖଣିର ପରିଚାଳକ ଇଂ ଚନ୍ଦ୍ରଶେଖର ଜେନା ପ୍ରକାଶ କରିଛନ୍ତି। ଆଦିବାସୀଙ୍କ ଜମି ଟିପି ମହାନ୍ତି ଖଣି ଜବର ଦଖଲ କରିନାହିଁ। ଏହି ରାସ୍ତା ବହୁ ବର୍ଷ ଧରି ଜନସାଧାରଣ ବ୍ୟବହାର କରୁଛନ୍ତି। ଗ୍ରାମ୍ୟ ରାସ୍ତା ଦୀର୍ଘ ବର୍ଷ ଧରି ଜନସାଧାରଣ ବ୍ୟବହାର କରୁଥିବାବେଳେ ଅଭିଯୋଗ ପରେ ସୁପରଭାଇଜର ଭୁବନାନନ୍ଦ ନାୟକ,ମଲଦା ରାଜସ୍ୱ ନୀରିକ୍ଷକ ସୋନାଲୀ ସେଠୀ ଏବଂ ଅମିନ ସୁରେଶ ନାୟକ ଠିକ୍ ଭାବରେ ମାପଚୁପ ନକରି ନଥିବା ସ୍ଥାନୀୟ ସରପ□ ଅଭିଯୋଗ କରିଛନ୍ତି। ମାପଚୁପ କରୁଥିବା କର୍ମଚାରୀ ପ୍ରଭାବିତ ହୋଇ ଚିହ୍ନଟ କରିଥିବା ସେ ଅଭିଯୋଗ କରିବା ସହ ଚମ୍ପୁଆ ଉପଜିଲ୍ଲାପାଳ ଏ ଦିଗରେ ତ୍ୱରିତ ପଦକ୍ଷେପ ନେଇ ଅନ୍ୟ ସର୍କଲରୁ କର୍ମଚାରୀ ଆଣି ମାପଚୁପ କରିବାକୁ ସେ ଦାବୀ କରିଛନ୍ତି। ଏଥିସହ ଏହି ଅ□ଳରେ ଦୀର୍ଘ ଦିନ ଧରି ଅରାଜକତା କରୁଥିବା ଲୋକଙ୍କୁ ଗିରଫ କରି ଶାନ୍ତି ଫେରାଇ ଆଣିବାକୁ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଦାବୀ କରିଛନ୍ତି।





Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ବାଲିବିଲି ପ୍ରାଥମିକ ବିଦ୍ୟାଳୟର ଦୁର୍ନୀତିରେ ପୂର୍ଣ୍ଣଚ୍ଛେଦ ପଡିଲା, ନିଲମ୍ବିତ ହେଲେ ପ୍ରଧାନ ଶିକ୍ଷକ



ଚଣ୍ଡିଖୋଲ, (ପିଏନ) : ଯାଜପୁର ଜିଲ୍ଲା ଧର୍ମଶାଳା ଶିକ୍ଷା ସର୍କଲ ଅନ୍ତର୍ଗତ ନେଉଳପୁର ପଂଚାୟତ ୧ନମ୍ବର ଓ୍ୱାଡ ବାଲିବିଲି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘଦିନ ଧରି ଆଖିବୁଜା ଦୁର୍ନିତ ହୋଇଆସୁଥିଲା। ଏଥିରେ ଦୀର୍ଘଦିନରୁ ସ୍ଥାନୀ କଂଟିଗଡିଆ ଗ୍ରାମର ଆର୍ତ୍ତତ୍ରାଣ ସେଠୀ ପ୍ରଧାନ ଶିକ୍ଷକ ଭାବେ ରହିଆସୁଥିବା ବେଳେ ସେ ମିଥ୍ୟା ବିଦ୍ୟାଳୟରେ ବହୁ ସଂଖ୍ୟାକ ଛାତ୍ରଛାତ୍ରୀ ପଢୁଥିବାର ଦର୍ଶାଇ ସେମାନଙ୍କ ପାଇଁ ଆସୁଥିବା ଖାଦ୍ୟ ଡ୍ରେସ ଏବଂ ଅନ୍ୟାନ ସମସ୍ତ ଟଙ୍କା ପଇସା ହଡପ କରିଆସୁଥିଲେ। ଏପରକି ବିଲକୁଲ ବିଦ୍ୟାଳକୁ ଆସୁନଥିବା ବେଳେ ଛାତ୍ରଛାତ୍ରୀଙ୍କ ପାଇଁ ଆସୁଥିବା ଖାଦ୍ୟ ବିଲକୁଲ ରନ୍ଧା ହେଉନଥିଲା। ଏନେଇ ବାରମ୍ବାର ଗଣମାଧମରେ ପ୍ରକାଶିତ ହୋଇଥିଲେବି ରାଜନୈତିକ କାରଣରୁ ଚାପ ପକାଇ ଏହାକୁ ଦବାଇ ଦେଉଥିଲେ। ତେବେ ୨୮.୦୪.୨୦୨୨ରେ ବିଭାଗ ପତ୍ର ସଂଖ୍ୟା ୯୦୪ରେ ତାଙ୍କୁ ଏକ କାରଣ ଦର୍ଶାଅ ନୋଟିସ ହୋଇଥିଲା। ହେଲେ ଏହାକୁ ମଧ ଆଣଦେଖା କରିଥିଲେ ପ୍ରଧାନ ଶିକ୍ଷକ ଶ୍ରୀ ସେଠୀ। ଫଳରେ ବ୍ଲକ ଶିକ୍ଷା ଅଧିକାରୀ ୯୫୮ ତା ୦୯.୦୫.୨୦୨୨ରେ ତାଙ୍କୁ ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶ ଅବମାନନା ଏବଂ ବିଭିନ୍ନ ଦୁର୍ନିତରେ ଲିପ୍ତ ରହିବା ଯୋଗୁ କାର୍ଯ୍ୟରୁ ନିଲମ୍ବିତ କରିବା ସହିତ ତାଙ୍କ କାର୍ଯ୍ୟସ୍ଥାନ କ୍ଷେତ୍ରପାଳ ବିଦ୍ୟାଳୟକୁ ସ୍ଥିରିକୃତ କରିଛନ୍ତି। ତେବେ ଏହି ଘଟଣାକୁ ସ୍ଥାନୀୟ ଅଂଚଳରେ ବୁଦ୍ଧିଜିବୀ ମାନେ ସ୍ୱାଗତ କରିଛନ୍ତି।

# ପଦ୍ମଶ୍ରୀ ଡକ୍ଟର ରଜତ କରଙ୍କ ସ୍ମୃତିଚାରଣ ସଭା

ଯାଜପୁର :ମା'ବିରଜା ପାଲାକାର ସଂଘ ପକ୍ଷରୁ ବାଗ୍ମିପୁରୁଷ ଡକ୍ଟର ପଦ୍ମଶ୍ରୀ ରଜତକରଙ୍କ ସ୍ମୃତିଚାରଣ ସଭା ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବିଶିଷ୍ଟ ଔପନ୍ୟାସିକ ଶିକ୍ଷାବିତ୍ ଜଗନ୍ନାଥ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସ୍ମୃତିଚାରଣ ସଭାରେ ମା' ବିରଜା ପଲାକାର ସଂଘର ସଭାପତି ଜଗବନ୍ଧୁ ଓଝା, ସହସମ୍ପାଦକ ଅର୍ଜୁନ ଚରଣ ଦାସ, ସଂଗୀତ ପ୍ରତିନିଧି ଶ୍ରୀନିବାସ ଦାସ, ନିତ୍ୟାନନ୍ଦ ପଣ୍ଡା, ଶ୍ରୀଜଗନ୍ନାଥ ମନ୍ଦିରର ପୂଜକ ବାସୁଦେବ ପାଣି, ବିମଳା ପାଣି, ବ୍ରଜରାଜ ପତି, ମଣିନାଥ ବେହେରା ପ୍ରମୁଖ ଯୋଗଦେଇ ପୁଷ୍ପାଞ୍ଜଳି ପ୍ରଦାନ ପୂର୍ବକ ସ୍ୱର୍ଗତ ପଦ୍ମଶ୍ରୀ କରଙ୍କ ସ୍ମୃତିଚାରଣ କରିଥିଲେ। ଶେଷରେ ବିରଜା ସାହିତ୍ୟ ସଂସ୍କୃତି ଗବେଷଣ ପରିଷଦର ବାର୍ତ୍ତା ସମ୍ପାଦକ ମିନକେତନ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଶ୍ରୀ ଜଗନ୍ନାଥ ସାହିତ୍ୟ ପରିଷଦର ସଚ୍ଚି ରାଉତରାୟ ଜୟନ୍ତୀ

ଖୋର୍ଦ୍ଧା ,(ପି.ଏନ): ଏକଦା ମାଟିର ମହାକବି ପଦ୍ମଶ୍ରୀ ଡ. ସଚ୍ଚି ରାଉତରାୟଙ୍କ କବିତା "ମାର୍ ତୁ ଯେତେ ଗୁଳି, ହୁଙ୍କାପିଟା ଶାସନ ଆମେ ଗୋଡ଼ରେ ଦେବୁ ଦଳି" ପ୍ରଜାମାନଙ୍କପାଇଁ 'କର ଅବା ମର' ଆହ୍ୱାନ ଡୋଳିଥିଲା। କର୍ମୀମାନେ ଦେଶପାଇଁ ମରିବାକୁ ଭୟ କରୁନଥିଲେ ବୋଲି ସଚ୍ଚି ରାଉତରାୟଙ୍କ ଜନ୍ମ ଜୟନ୍ତୀ ଅବସରରେ ବକ୍ତମାନେ ମତପ୍ରକାଶ କରିଛନ୍ତି। ଶ୍ରୀ ଜଗନ୍ନାଥ ସାହିତ୍ୟ ପରିଷଦ ପକ୍ଷରୁ ଗାୟତ୍ରୀ ଶକ୍ତି ପୀଠ ପରିସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପରିଷଦର ସଭାପତି ବରିଷ୍ଠ ଆଇନଜୀବୀ ଶିବସୁନ୍ଦର ପଟ୍ଟନାୟକଙ୍କ ଅଧ୍ୟକ୍ଷତା କର ସଚ୍ଚି ରାଉତରାୟଙ୍କୁ ଖୋର୍ଦ୍ଧାର ବରପୁତ୍ର ଭାବେ ବର୍ଣ୍ଣନା କରିଥିଲେ। ପ୍ରଶାସନ ତାଙ୍କର ଏକ ଭବ୍ୟ ପ୍ରତିମୂର୍ତ୍ତି ସ୍ଥାପନ କରିବା ପାଇଁ ସେ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଖୋର୍ଦ୍ଧା ଗୁରୁଜଙ୍ଗ ଗ୍ରାମରେ ଜନ୍ମଗ୍ରହଣ କରିଥିବା ସଚ୍ଚିବାବୁ ନିଜ ଜୀବନ ପରିଧି ମଧ୍ୟରେ ୩୧ ଖଣ୍ଡ ପୁସ୍ତକ ଖଣ୍ଡ କାବ୍ୟ, କବିତା, ଗଳ୍ପ ଉପନ୍ୟାସ, ସମାଲୋଚନା, ଆଲୋଚନା ଏବଂ ଆତ୍ମଚରିତ ଲେଖିଥିଲେ। ଏଥିମଧ୍ୟରୁ ଅନେକ ପୁସ୍ତକ ହିନ୍ଦୀ, ତେଲୁଗ ଓ ପଞ୍ଜାବୀ ଭାଷାରେ ଅନୁବାଦିତ ଜାତୀୟ ଆନ୍ତର୍ଜାତୀୟ ସ୍ତରରେ ପ୍ରଂଶସିତ ହୋଇଛି। ବେଜେଲଗେଟ ହତ୍ୟାକାଣ୍ଡ ପରେ ସଚ୍ଚି ରାଉତରାୟ ପ୍ରଜା ଆନ୍ଦୋଳନକୁ ସାହାଯ୍ୟ କରିବାକୁ ଯାଇ ରଣପୁର ରାଜାଙ୍କ ପୋଲିସ ଦ୍ୱାରା କିଭଳି ହଟହଟା ହେଲେ ତାହା ପ୍ରକାଶ କରିଥିଲେ। ରଣପୁର ପ୍ରଜା ଆନ୍ଦୋଳନର ଶହୀଦ ରଘୁନାଥ ମହାନ୍ତି, ଶହୀଦ ଦିବାକର ପରିଡ଼ା ଓ ଅନ୍ୟକର୍ମୀମାନଙ୍କୁ କିଭଳି ସାହାଯ୍ୟ କରାଯିବ ସେଥିପ୍ରତି ସେ ଚିନ୍ତିତ ଥିଲେ।

# ସମ୍ବର୍ଦ୍ଧିତ ହେଲେ ପଞ୍ଚ ଠାକୁରାଣୀଙ୍କ ଘଟ ସେବକ ଓ ମା କାଳୀ ସେବକ



ଫୁଲବାଣୀ,(ପି.ଏନ): ଆଜି ମା ନାରାୟଣୀଙ୍କ ଯାତ୍ରାର ୧୦ମ ଦିବସ ।ଗୁରୁବାର ଯୋଗୁଁ ବିଶ୍ରାମ ଦିବସ,ପଞ୍ଚ ଠାକୁରାଣୀଙ୍କୁ ପଦ୍ମାଳୟା ବେଶରେ ମଣ୍ଡପରେ ସୁଶୋଭିତ କରାଯାଇଥିଲା। ଏହି ଅବସରରେ ସନ୍ଧ୍ୟାରେ ସ୍ୱତନ୍ତ୍ର ଆଳତି କାର୍ଯ୍ୟକ୍ରମ ମା ନାରାୟଣୀ ଆଳତୀ ବାହିନୀଙ୍କ ଜରିଆରେ ସମାପ୍ତ ପରେ ପରେ ଯାତ୍ରା କଲ୍ୟାଣ ମଣ୍ଡପରେ ଏକ ନାରାୟଣୀ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଏସପି ବିପିନ ବିହାରୀ ବେହେରା ଯୋଗଦେଇ ଶାନ୍ତି ଶୃଙ୍ଖଳା ବଜାୟ ରଖିବାରେ ସହଯୋଗ କରିବା ପାଇଁ ଉପସ୍ଥିତ ହଜାର ହଜାର ଜନତାଙ୍କୁ ପରାମର୍ଶ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ବ୍ୟବସାୟୀ ପ୍ରଶାନ୍ତ କୁମାର ସେନାପତି, ଫ୍ୟାନସି ବଜାରର କମିଟିର କର୍ମକର୍ତ୍ତା କିଶୋର କୁମାର ଚୌଧୁରୀ ଓ ତ୍ରିଲୋଚ଼ନା ଦାସ ଏବଂ ସୁପର ବଜାରର କର୍ମକର୍ତ୍ତା ଦିଲିପ ପୃଷ୍ଟି ଓ ଅଜୟାନନ୍ଦ ସେଠୀ ଏବଂ ଡଲି ବଜାରର କର୍ମକର୍ତ୍ତା ସୁବାଷ ଚ଼ନ୍ଦ୍ର ମାଲୁ ଓ ବାବୁଲା ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଯାତ୍ରା କମିଟି ପକ୍ଷରୁ ସମସ୍ତ ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ତେବେ ଆଜିର ଅତିଥିମାନଙ୍କ ମଧ୍ୟରେ ଥିଲେ ଯାତ୍ରା ପଞ୍ଚଦେବୀ ପଞ୍ଚ ଠାକୁରାଣୀଙ୍କର ସମସ୍ତ ଘଟ ସେବା ଉପାସିକା ଏବଂ ମା କାଳୀ ଦେବୀଙ୍କର ଘଟ ସେବକ ଆଦିତ୍ୟ ପ୍ରସାଦ ତ୍ରିପାଠୀ, ସଞ୍ଜୟ ସାହୁ ଓ ଦେଶ ବେହେରା ଓ ପ୍ରଚ଼ାର ଦାୟିତ୍ୱରେ ଥିବା ଜିତେନ୍ଦ୍ର କୁମାର ସାହୁ। ଏହି ସମସ୍ତ ଅତିଥିଭାବେ ଯୋଗ ଦେଇଥିବା ବେଳେ ସେମାନଙ୍କୁ ମଧ ଯାତ୍ରା ପରିଚ଼ାଳନା କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଯାତ୍ରା ପରିଚ଼ାଳନା କମଟିର ସମସ୍ତ କର୍ମକର୍ତ୍ତା ମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଅଶୋକ ମହାନ୍ତି ସଂଯୋଜନା କରିଥିବା ବେଳେ ଉପସଭାପତି ସୁଜିତ୍? ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଆଜି ପ୍ରବଳ ଗହଳିଯୋଗୁଁ ଆଇନ ଶୃଙ୍ଖଳା ଦୃଷ୍ଟିରୁ ପୁଲିସ୍? ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

# କିନ୍ନରଙ୍କୁ ଆକ୍ରମଣ ଘଟଣା: କେନ୍ଦ୍ରାପଡା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ

କେନ୍ଦ୍ରାପଡ଼ା,(ପି.ଏନ): କିନ୍ନରଙ୍କୁ ଆକ୍ରମଣ ଘଟଣା ନେଇ ଶୁକ୍ରବାର କେନ୍ଦ୍ରାପଡ଼ା, ପାରାଦୀପ, କନ୍ଦରପୁର, କଟକ ଓ ଭୁବନେଶ୍ୱରବ ପ୍ରଭୃତି ସ୍ଥାନରୁ ଆସିଥିବା ୫ଶହରୁ ଅଧିକ କିନ୍ନର କେନ୍ଦ୍ରାପଡା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଏହି ଅବସରରେ କିନ୍ନରମାନେ ସେମାନଙ୍କ ଦାବି ପୂରଣ ପାଇଁ ହୁଲହୁଳି ପକାଇ ଏସପିଙ୍କ କାର୍ଯ୍ୟାଳୟ ପ୍ରକମ୍ପିତ କରିଦେଇଥିଲେ। ଏଥିରେ ଆରକ୍ଷୀ ଅଧୀକ୍ଷକ ସନ୍ଦିପ ସମ୍ପଦ ମଡ଼କର ବାଧହୋଇ କେନ୍ଦ୍ରାପଡା ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା ଓ ଡିଏସ୍‌ପି କାର୍ତ୍ତିକ ମଲ୍ଲିକଙ୍କୁ କିନ୍ନରମାନଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟାର ସମାଧାନ କରିବାକୁ କହିଥିଲେ। ଉଭୟ ଅଧିକାରୀ କିନ୍ନରମାନଙ୍କ ସହ କଥାହୋଇ ଘଟଣା ବିଷୟରେ ପଚାରି ବୁଝିଥିଲେ। କିନ୍ନରମାନେ ଅଭିଯୋଗ କରିଥିଲେ ଯେ କେନ୍ଦ୍ରାପଡ଼ା ଟାଉନ୍ ଥାନା ଅନ୍ତର୍ଗତ କଜଳାରେ କେତେକ କିନ୍ନର ସରକାରୀ ଜାଗାରେ ରହୁଛନ୍ତି। କିନ୍ତୁ କେତେକ ଅସାମାଜିକ ବ୍ୟକ୍ତି ସେମାନଙ୍କୁ ସେଠାରେ ଆକ୍ରମଣ କରିଥିଲେ। ଏ ନେଇ ସେମାନେ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ସେମାନଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ସେମାନେ ପୋଲିସକୁ ଜଣାଇଥିଲେ। କିନ୍ତୁ ପୋଲିସ ଅଭିଯୁକ୍ତ ମାନଙ୍କୁ ଗିରଫ କରୁନାହିଁ ବୋଲି କିନ୍ନରମାନେ ଅଭିଯୋଗ କରିଥିଲେ। ଅଭିଯୁକ୍ତମାନଙ୍କୁ ଗିରଫ କରାଯାଉ ନ ଥିବାରୁ ସେମାନେ ମାରଣାସ୍ତ୍ର ଧରି କିନ୍ନରମାନଙ୍କୁ ଜୀବନରେ ମାରି ଦେବାକୁ ଧମକ ଦେଉଛନ୍ତି। ଏହାଦ୍ୱାରା କିନ୍ନରମାନଙ୍କ ଜୀବନ ବିପଦାପନ୍ନ ହୋଇଛି ବୋଲି ସେମାନେ କହିଥିଲେ। ଏହାପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଡିଏସ୍‌ପି କାର୍ତ୍ତିକ ମଲ୍ଲିକ ଟାଉନ୍ ଥାନା ଅଧିକାରୀଙ୍କୁ ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଡିଏସ୍‌ପିଙ୍କ ଠାରୁ ନିର୍ଦ୍ଦେଶ ପାଇବା ପରେ ଅଭିଯୁକ୍ତମାନଙ୍କୁ ତୁରନ୍ତେ ଗିରଫ କରାଯିବ ବୋଲି ଟାଉନ୍ ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି କହିଛନ୍ତି। କିନ୍ନରମାନେ କହିଥିଲେ ସରକାରୀ ଜାଗାରେ ବହୁ ଲୋକ ଘର କରି ରହୁଛନ୍ତି।

# ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ





ବାଲେଶ୍ୱର,(ପି.ଏନ): ଶ୍ରୀ ଶ୍ରୀ ଜଗର୍ନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ବାଲେଶ୍ୱର ଜିଲ୍ଲା ସେରଗଡ଼ ବଇଂଚା ଗ୍ରାମରେ ତା-୧୧/୫/୨୨ ରିଖ ବୁଧବାର ଦିନ ଠାରୁ ଆରମ୍ଭ ହୋଇଅଛି। ଏଠାରେ ୧୦୫ ଜଣ ମହିଳା ଭକ୍ତ କଳସ ଯାତ୍ରାରେ ଭାଗ ନେଇ ନିକଟସ୍ଥ ଖଜିରେଶ୍ୱର ମହାଦେବ ମନ୍ଦିର ପୋଖରୀରୁ ଘଟଜଳ ଆଣି ମନ୍ଦିର ଜଙ୍ଘ ମଣ୍ଡପ ଠାରେ ସ୍ଥାପନ ପୂର୍ବକ ବିଗ୍ରହ ପହଣ୍ଡି ଓ ବିଗ୍ରହ ସ୍ନାନ କର୍ମ ଇତ୍ୟାଦି କାର୍ଯ୍ୟ ସମାପନ କରାଯାଇଥିଲା। ସଂନ୍ଧ୍ୟା ୬ ଟାରୁ ରାତି ୮ ଟା ପର୍ଯ୍ୟନ୍ତ ଜଗନ୍ନାଥ ସଂସ୍କୃତି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କବି ଶ୍ରୀ କାଳୀପଦ ପଣ୍ଡା, ମୁଖ୍ୟ ବକ୍ତା ଭାବେ ପଣ୍ଡିତ ପ୍ରଦୀପ୍ତ ମିଶ୍ର, ସମ୍ମାନିତ ଅତିଥି ଭାବେ କବୟତ୍ରୀ ସୁଶ୍ରୀ ସତ୍ୟଭାମା ମୁଦୁଲି ଓ ଇପ୍ସିତା ସ୍ୱାଇଁ ଯୋଗ ଦେଇ ଜଗର୍ନ୍ନାଥଙ୍କ ସଂସ୍କୃତି ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ ଏବଂ କବି ଶ୍ରୀ ସୁଧାକର ସେଠୀ ମଞ୍ଚ ସଂଯୋଜନା କରିଥିଲେ। ସନ୍ଧ୍ୟା ୮ ଟାରେ ପୂର୍ବତନ ସାଂସଦ ରବିନ୍ଦ୍ର କୁମାର ଜେନା ଙ୍କ ବିଗ୍ରହ ଦର୍ଶନ ପୂର୍ବକ ମହାପ୍ରଭୁ ଜଗର୍ନ୍ନାଥ ଙ୍କ ଠାରୁ ପ୍ରାପ୍ତ କିଛି ଅନୁଭୁତି ବିଷୟର ଭାଷଣ ରଖିଥିଲେ। ପ୍ରସାଦ ସେବନ କାର୍ଯ୍ୟକ୍ରମ ଦିନ ଦ୍ୱିପ୍ରହର ଠାରୁ ଆରମ୍ଭ ହୋଇ ରାତି ୧୧ ଟା ପର୍ଯ୍ୟନ୍ତ ଚାଲିଥିଲା। ଏହି ପ୍ରସାଦ ସେବନ କାର୍ଯ୍ୟକ୍ରମରେ ପ୍ରାୟ ୩୦୦୦ ଭକ୍ତ ଙ୍କ ସମାଗମ ହୋଇଥିଲା। ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉପସ୍ଥିତ ହୋଇ ବିଗ୍ରହ ଦର୍ଶନ ପୂର୍ବକ ପ୍ରଭୁ ଜଗନ୍ନାଥ ସମନ୍ଧୀୟ କିଛି ପୁରାଣ କଥା ନିଜ ବକ୍ତବ୍ୟରେ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମ ୧୧ ତାରିଖରୁ ଆରମ୍ଭ ହୋଇ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଗର୍ନ୍ନାଥ ପ୍ରତିଷ୍ଠା କମିଟି ତରଫରୁ ସୂଚନା ଦିଆଯାଇଛି।

# ମେ ୧୫ରେ ଜୀସାର୍ଥକର ନୂଆ ଓଡ଼ିଆ ଚଳଚିତ୍ର ଡ଼ିଟେକ୍ଟିଭ୍ କରନ-ଅର୍ଜୁନ



ଖୋର୍ଦ୍ଧା (ପି.ଏନ): ଜୀ ସାର୍ଥକ ଫିଲ୍ମସ ବ୍ୟାନରରେ ନିର୍ମାଣ ହୋଇଥିବା ନୂଆ ସିନେମା ଡ଼ିଟେକ୍ଟିଭ୍ କରନ-ଅର୍ଜୁନ ମେ ୧୫ ରବିବାର ସନ୍ଧ୍ୟା ୬.୩୦ ମିନିଟ୍‌ରେ ଓ୍ୱାର୍ଲଡ଼ ଟେଲିଭିଜନ୍ ପ୍ରିମିୟମ ହେବ ବୋଲି ଜୀସାର୍ଥକ ପକ୍ଷରୁ କୁହାଯାଇଛି। ଏହି ଚଳଚିତ୍ରରେ ନୂଆ ଅବତାରରେ ଦେଖିବାକୁ ମିଳିବେ ଓଡ଼ିଆ ସିନେ ଇଣ୍ଡଷ୍ଟ୍ରିର କମେଡ଼ି କିଙ୍ଗ ପପୁପମ୍‌ପମ୍ ଓ ତାଙ୍କ ସହ ଯୋଡ଼ିଦାର ରହିବେ ପ୍ରଜ୍ଞା ଖଟୁଆ। ଉଭୟ କରନ ଅର୍ଜୁନ ଭୂମିକାରେ ଅଭିନୟ କରିଛନ୍ତି। ସେହିପରି ଅଭିନେତ୍ରୀ ଭାବେ ପ୍ରୀୟଙ୍କା ମହାପାତ୍ର, ପ୍ରିୟଙ୍କା ମହାନ୍ତି ଓ ଲପିସ୍ମା ମିଶ୍ରଙ୍କୁ ଏଥିରେ ଦର୍ଶକ ନାୟିକା ଭାବେ ଦେଖିବାକୁ ପାଇବେ। ଅନ୍ୟମାନଙ୍କ ମଧ୍ୟରେ ଟୁକୁନା, ପ୍ରଜ୍ଞା ମହାନ୍ତି, ଜୀବନ ପଣ୍ଡା, କୁନା ତ୍ରୀପାଠୀ, ହାଡ୍ଡୁ, ଅରବିନ୍ଦ ଷଢଙ୍ଗୀ, ରାଜୀବ, କାଳୀ, ମନୋଜ, ସୁଷ୍ଠା ଦିଗ୍‌ବିଜୟ, ସୁମିତି ଓ ସଂଗ୍ରାମ ପ୍ରମୁଖ ଅଭିନୟ କରିଛନ୍ତି। ପପୁ ପମ୍‌ପମ୍ ନିଜେ କାହାଣୀ ଲେଖିଥିବା ବେଳେ ଅଶ୍ୱନୀ ଗଡ଼ନାୟକ, ସିନେମାରେ ନିର୍ଦ୍ଦେଶନା ଦେଇଛନ୍ତି। ଏହାର ସଂଳାପ ଲେଖିଛନ୍ତି ଟୁକୁନା ଷ୍ଟାଇଲିଷ୍ଟ ସିନେମାର ଗୀତ ରଚନା କରିଛନ୍ତି ନିର୍ମଳ ନାୟକ ସେହିପରି ଅଭିଜିତ୍ ମଜୁମଦାର ସଂଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ସିନେମାର ପୋଷ୍ଟ ପ୍ରଡ଼କ୍ସନ ଶେଷ ହୋଇଯାଇଛି। ଚଳଚିତ୍ରର ଅଡ଼ିଓ ରିଲିଜପରେ ଦର୍ଶକମାନଙ୍କ ଦ୍ୱାରା ଗୀତ ଗୁଡ଼ିକ ବେଶ ଲୋକାଦୃତ ହୋଇସାରିଛି। ଏହି ଚଳଚିତ୍ରଟି ଦର୍ଶକମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ଜୀସାର୍ଥକ ପକ୍ଷରୁ ଆଶା ବ୍ୟକ୍ତ କରାଯାଇଛି।






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray